ବର୍ଷ-୨୪, ସଂଖ୍ୟା-୧୪୭
ଭୁବନେଶ୍ୱର
୨୪ ଜୁନ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 147
Bhubaneswar
24 June, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କମିନ୍ସଙ୍କ କ୍ରମାଗତ ହ୍ୟାଟ୍ରିକ



# କେନ୍ଦୁଝରରେ ଗର୍ଜିଲେ ମୋହନ



କେନ୍ଦୁଝର,୨୩।୬(ମହାଭାରତ): ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମଥର ନିଜ ଜନ୍ମ ମାଟି କେନ୍ଦୁଝରକୁ ଯାଇଥିବା ମୋହନ ମାଝୀ ଆଜି ଭିନ୍ନ ଅନ୍ଦାଜରେ ନଜର ଆସିଛନ୍ତି। କେନ୍ଦୁଝରର ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ସେ ରାଜ୍ୟରେ ୨୪ ବର୍ଷ ହେଲା ପୂର୍ବରୁ କ୍ଷମତାରେ ରହିଥିବା ବିଜେଡି ସରକାର ଉପରେ ଜୋରଦାର ବର୍ଷିଛନ୍ତି। ପୂର୍ବ ସରକାରରେ କେନ୍ଦୁଝରକୁ ଲୁଟ୍ କରାଯାଉଥିଲା ମୋହନ ମାଝୀ କହିଛନ୍ତି।

ସେ ସାଧାରଣ ସମ୍ବର୍ଦ୍ଧନା ସଭାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ମମିତା ମେହେରା ଓ ପରୀ ମାମଲାରେ ନ୍ୟାୟ ଦିଆଗଲାନି, ପାପଭାର ବଢ଼ିବା ପରେ ଅହଂକାରର ପତନ ହେଲା। କେନ୍ଦୁଝର ଖଣି ଲୁଟ୍‌ରେ ସେତେବେଳର ରାଜ୍ୟ ସରକାର ସମ୍ପୃକ୍ତ ରହିଛନ୍ତି। ୨୦୧୯ରେ ବିଧାନସଭାରେ କେନ୍ଦୁଝରର ହକ୍ ପାଇଁ ଲଢ଼େଇ ହୋଇଥିଲା। କିଛି ଅଣ ଓଡ଼ିଆ କେନ୍ଦୁଝରର ଗରିବ, ଆଦିବାସୀଙ୍କୁ ଲୁଟିଛନ୍ତି ଯେଉଁମାନେ ଲୁଟ୍ କରିଛନ୍ତି, ସେମାନେ ମୋ ନଜରରେ ଅଛନ୍ତି। କେହି ବି ବର୍ତ୍ତି ପାରିବେ ନାହିଁ। ସମସ୍ତଙ୍କୁ ଜେଲ୍ ପଠାଇବୁ।

ମୋହନ ମାଝୀ କାହାକୁ ଛାଡ଼ିବ ନାହିଁ। ସମସ୍ତଙ୍କ ଠାରୁ ହିସାବ ଆଦାୟ କରାଯିବ। ଅଣଓଡ଼ିଆଙ୍କୁ କେନ୍ଦୁଝରରୁ ବିଦା କରାଯିବ। ମୁଁ ପୂର୍ବ ସରକାରଙ୍କୁ ବିରୋଧ କରିବାରୁ ମୋତେ ଲୋଭ ଦେଇ ବିଜେଡିରେ ସାମିଲ କରିବାକୁ ଚାହୁଁଥିଲେ। ହେଲେ ମୋହନ ଭାଇ ବିକାଉ ନୁହଁ, ଟିକାଉ ଥିଲେ। ଏଣୁ ଲୋକମାନେ ତାଙ୍କୁ ଆଜି ମୁଖ୍ୟ ସେବକ କରିଛନ୍ତି।

ପୂର୍ବରୁ ବିରୋଧୀ ଦଳରେ ଥାଇ ଲଢୁଥିଲି। ଏଥିପାଇଁ ସରକାର ଡରୁଥିଲେ। ମନ୍ତ୍ରୀ ପଦ ଓ ଖଣି ଦେବାକୁ ମଧ୍ୟ ସେତେବେଳେ ଯାଚୁଥିଲେ। ଖାଲି ମନ୍ତ୍ରୀ ନୁହେଁ, ଆଜି ଆପଣଙ୍କ ଆଶୀର୍ବାଦରୁ ନେତୃତ୍ୱ ମିଳିଛି। ଆପଣମାନେ ମୋତେ ମୁଖ୍ୟମନ୍ତ୍ରୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୁହଁ ମୋହନ ଭାଇ ଲୋକଙ୍କ ଭଲ ପାଇବା ପାଇ ମୁଁ ମୋହନ ଭାଇ ହୋଇ ରହିବି।

ମୋହନ ମାଝୀ ଆଜି ତାଙ୍କ ଭାଷଣରେ ସୁପର ଚିଫ୍ ମିନିଷ୍ଟର ପ୍ରସଙ୍ଗ ଉଠାଇ

ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଯେତେ ସଭାରେ ସୁପର ଚିଫ ମିନିଷ୍ଟର ଭାଷଣ ଦେବେ ଭୋଟ ସେତେ କମିବ ବୋଲି ଗୁଇନ୍ଦା ରିପୋର୍ଟ ମିଳିଥିଲା। ଗୋଡ଼ ତଳୁ ମାଟି ଖସୁଛି ବୋଲି ସୁପର ଚିଫ୍ ମିନିଷ୍ଟର ଜାଣି ପାରି ନ ଥିଲେ। ୨୪ ବର୍ଷ ଶାସନ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ମୋହନ ପରୋକ୍ଷରେ ଟାର୍ଗେଟ୍ କରିଛନ୍ତି।ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନଂ-୧ ମାତ୍ର ରାଜ୍ୟ କାହିଁକି ନଂ୧ ନୁହେଁ ବୋଲି ସେ ପଚାରିଛନ୍ତି। ପାଞ୍ଚ ପାଞ୍ଚ ଥରର ବିଜେଡିକୁ ଲୋକେ ସୁଯୋଗ ଦେଇଥିଲେ, କିନ୍ତୁ ତଳ ଆଡୁ ପ୍ରଥମ ହେଉଥିଲା ଓଡ଼ିଶା, ମୁଖ୍ୟମନ୍ତ୍ରୀ ଏକ ନଂ ହେଉଥିଲେ କିନ୍ତୁ ରାଜ୍ୟ କାହିଁକି ପଛୁଆ ହେଉଥିଲା? ଏମିତି କି ରାଜ୍ୟରେ ବିଚିତ୍ର ଶାସନ ଚାଲୁଥିଲା ଭଳି ଦୃଶ୍ୟମାନ ହେଉଥିଲା ବୋଲି ମୋହନ ସମାଲୋଚନା କରିଛନ୍ତି।

## ସାରା ରାଜ୍ୟକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର,୨୩।୬(ମହାଭାରତ): ଜୁନ ୮ରେ ଓଡ଼ିଶାକୁ ସ୍ପର୍ଶ କରିଥିବା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶେଷରେ ଆଜି ପୂରା ରାଜ୍ୟରେ ସକ୍ରିୟ ହୋଇଛି। ଜୁନ ୮ରେ ମୌସୁମୀ ମାଲକାନାଗିରି ସମେତ ଦକ୍ଷିଣ ପ୍ରାନ୍ତର କିଛି ଜିଲ୍ଲାକୁ ଛୁଇଁଥିଲା। କିନ୍ତୁ ମୌସୁମୀ ଯେତେକି ବର୍ଷିବା କଥା ସେତିକି ବର୍ଷା ହୋଇ ନଥିଲା। କିଛି ଦିନ ପାଇଁ ମୌସୁମୀ ଆଗକୁ ମଧ୍ୟ ବି ପାରି ନଥିଲା।

ହେଲେ ଆଜି ଭୁବନେଶ୍ୱରକୁ ମୌସୁମୀ ଛୁଇଁବା ସହ ସାରା ରାଜ୍ୟରେ ସକ୍ରିୟ ହୋଇଛି। ମୌସୁମୀ ସକ୍ରିୟ ଯୋଗୁ ଆଜି ସକାଳୁ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି। ପାଗ ମଧ୍ୟ ମେଘୁଆ ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସ୍ୱାଭାବିକ ସମୟର ଦିନକ ପରେ ସବୁ ଜିଲ୍ଲାକୁ ମୌସୁମୀ ଛୁଇଁଛି। ଆଜି ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ୨୬ରୁ ଏହାର ପରିମାଣ ବଢ଼ିବ। ଜୁନ୍ ମାସ ସରିବାକୁ ଆଉ ସପ୍ତାହେ ଅଛି। ରାଜ୍ୟକୁ ମୌସୁମୀ ମଧ୍ୟ ଆସି ସାରିଛି। କିନ୍ତୁ ବର୍ଷା ନାହିଁ।

# ଶ୍ରୀ ଅଲାରନାଥଙ୍କ ଅଣସର ବେଶ ଦର୍ଶନ ଆରମ୍ଭ

ପୁରୀ, ୨୩।୬(ମହାଭାରତ): ପୁରୀ ଜିଲ୍ଲା ବ୍ରହ୍ମଗିରି ସ୍ଥିତ ଶ୍ରୀ ଅଲାରନାଥଙ୍କ ପୀଠରେ ଆଜି ଠାରୁ ଶ୍ରୀ ଅଲାରନାଥଙ୍କ ଅଣସର ବେଶ ଦର୍ଶନ ଆରମ୍ଭ ହୋଇଛି । ୧୪ ଦିନ ଧରି ଚାଲିବ ଅଲାରନାଥଙ୍କ ଅଣସର ଦର୍ଶନ । ଅଣସର ସମୟରେ ଭକ୍ତ ମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନପାଇ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରୁଛନ୍ତି । ବିଶ୍ୱାସ ରହିଛି, ବର୍ଷକ ଯାକ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଭକ୍ତଙ୍କୁ ଯେତିକି ପୂର୍ଣ୍ଣ୍ୟ ଫଳ ମିଳିଥାଏ । ଅନ୍ନବସର ସମୟରେ ଗୋଟିଏ ଦିନ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କଲେ ସମାନ ପୂର୍ଣ୍ଣ୍ୟ ଫଳ ପ୍ରାପ୍ତ ହୋଇଥାଏ । ଅନ୍ନବସର ସମୟରେ ଶ୍ରୀ ଅଲାରନାଥଙ୍କ ପ୍ରତିଦିନ ବିଭିନ୍ନ ଅଣସର ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଅଲାରନାଥଙ୍କ ପ୍ରିୟ ଭୋଗ ମଧ୍ୟରେ କ୍ଷିରୀ ଅନ୍ୟତମ । ଆଜି ପ୍ରଥମ ଦିନରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ଭୋର୍ ୪ଟାରେ ମନ୍ଦିର ଦ୍ୱାରଫିଟା, ପରେ ମଙ୍ଗଳଆଳତୀ, ତଡ଼ପଲାଗି, ଅବକାଶ, ସକାଳ ୬ଟାରେ ବଲ୍ଲଭ ଧୂପ ସରିଛି । ଏହାପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମନ୍ଦିର ଟ୍ରଷ୍ଟ ବୋର୍ଡ଼, ବ୍ରହ୍ମଗିରି ଥାନା ଓ ବ୍ଲକ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ପିଇବା ପାଣି, ଗାଡି ପାର୍କିଂ ବ୍ୟବସ୍ଥା ଓ ଛାୟା ପାଇଁ ଛାମୁଣ୍ଡିଆ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଶ୍ରୀ ଅଲାରନାଥଙ୍କ ମନ୍ଦିର ଭିତରେ ଓ ବାହାରେ ସିସିଟିଭି ଲଗାଯାଇଛି ।


ସତ୍ୟ ଯୁଗରେ ବ୍ରହ୍ମା ଏହି ସ୍ଥାନରେ ଧାନ କରିଥିବାରୁ ଏହାର ନାମ ବ୍ରହ୍ମଗିରି ହୋଇଛି । ଦକ୍ଷିଣ ଭାରତୀୟ ଆଲବର ଭକ୍ତ ମାନେ ଏହି ସ୍ଥାନରେ ବିଷ୍ଣୁ ପୂଜା କରୁଥିବାରୁ ଶ୍ରୀ ଅଲାରନାଥଙ୍କ ନାମ ପୂର୍ବରୁ ଅଲବରନାଥ ରହିଥିବା କୁହାଯାଉଛି । ଶ୍ରୀ ଚୈତନ୍ୟ ଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନପାଇ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରିବା ସହ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ଯାହାର ନିଦର୍ଶନ ସ୍ୱରୂପ ଏଠାରେ ଏହି ପ୍ରଣିପାତ ପଥର ଏବେ ପୂଜା ପାଉଛି । ଏହାସହ ଚୈତନ୍ୟ ମନ୍ଦିର ରହିଥିବାରୁ ଆନ୍ତର୍ଜାତିକ କୃଷ୍ଣପ୍ରେମୀ ମାନେ ଏହି ମନ୍ଦିରକୁ ଆସୁଥିବା ଦେଖାଯାଇଛି । ଶ୍ରୀ ଅଲାରନାଥଙ୍କ ଏହି ଅଣସର



ବେଶ ଦର୍ଶନ ନେତ୍ରୋତ୍ସବ ପର୍ଯ୍ୟନ୍ତ ଚାଲୁ ରହିବ ।

ଶ୍ରୀମନ୍ଦିର ଅଣସର ପିଣ୍ଡିରେ ଆଜି ଠାରୁ ପଟ୍ଟି ଦିଅଁ ପୂଜା ପାଉଛନ୍ତି । ଗତକାଲି ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ ପରେ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଅଣସର ପିଣ୍ଡିରେ ଦଇତାପତି ସେବକ ମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ସେବା ଜାରୀ ରଖିଛନ୍ତି । ଜ୍ୱରରୁ ଉପଶମ ପାଇଁ ଶ୍ରୀଜୀଉମାନଙ୍କ ଗୁପ୍ତ ସେବା ଜାରୀ ରହିଛି । ଅଣସର ସମୟରେ ଶ୍ରୀଜୀଉମାନେ ଶ୍ୱେତ ବସ୍ତ୍ର ପରିଧାନ କରିବାର ବିଧି ରହିଛି । ଏହି ୧୫ ଦିନ ତୁଳସୀ ଲାଗି ହେବା ପରିବର୍ତ୍ତେ ମହାପ୍ରଭୁଙ୍କୁ କେବଳ ଧଳାଫୁଲ ଲାଗି ହୋଇଥାଏ । ପଣା ଏବଂ ଚକଟା ଭୋଗ ଲାଗି ହୋଇଥାଏ ।

# ମା' ତାରିଣୀ ମନ୍ଦିର ପାଇଁ ଆଉ ୫୦ କୋଟି ଘୋଷଣା



କେନ୍ଦୁଝର,୨୩।୬(ମହାଭାରତ): ଘଟଗାଁ ମାଆ ତାରିଣୀ ମନ୍ଦିର ପାଇଁ ଆଉ ୫୦ କୋଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଆଜି ଏହି ଘୋଷଣା କରିଛନ୍ତି। ଗସ୍ତର ପ୍ରଥମ ଦିନରେ ସେ ଘଟଗାଁ ଯାଇ ମାଆ ତାରିଣୀଙ୍କୁ ଦର୍ଶନ କରିଛନ୍ତି। ମାଆଙ୍କ ଦର୍ଶନ ପରେ ମନ୍ଦିରର ଉନ୍ନତି ପାଇଁ ଆଉ ୫୦ କୋଟି ଟଙ୍କା ଘୋଷଣା କରିଛନ୍ତି ସିଏମ୍।

ଏବେ ୫୦ କୋଟିର ଏଠାରେ କାମ ଚାଲିଛି। ଆଉ ୫୦ କୋଟି ମନ୍ଦିରର ସୌନ୍ଦର୍ଯ୍ୟକରଣରେ ଲାଗିବ। ଏହାସହ ତାରିଣୀ ପୀଠକୁ ଜାତୀୟ ମାନ୍ୟତା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଘଟଗାଁ ହେଲିପ୍ୟାଡ୍ରେ ପହଞ୍ଚିବା ପରେ ସେଠୁ ବିଶାଳ ରୋଡ୍ ଶୋ'ରେ ଯାଇଥିଲେ ମୁଖ୍ୟମନ୍ତ୍ରୀ। ପରେ ନିଜେ ଭୋଗ କିଣି ମାଆଙ୍କ ପାଖରେ ଲାଗି କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ କେନ୍ଦୁଝର ବଳଦେବ ଜୀଉଙ୍କୁ ଦର୍ଶନ କରିବେ।ପରେ କେନ୍ଦୁଝରରେ ରୋଡ୍ ଶୋ' ଓ ସାଧାରଣ ସଭାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ନିଜ ଗାଁ ରାଇକଳାକୁ ଯିବେ ସିଏମ୍। ସେଠି ନିଜ ଘରେ ମଧ୍ୟାହ୍ନ ଭୋଜନ କରିବେ ଓ ସାଧାରଣଜନତାଙ୍କ ସହ ଆଲୋଚନା କରିବେ।

## ନକ୍ସଲଙ୍କ ଆଇଇଡି ବିସ୍ଫୋରଣ
# ଦୁଇ ଯବାନ ସହିଦ

ନୂଆଦିଲ୍ଲୀ, ୨୩।୬(ମହାଭାରତ) : ଛତିଶଗଡ଼ର ସୁକମାରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣ। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ନକ୍ସଲମାନେ କରିଛନ୍ତି ଆଇଇଡି ବ୍ଲାଷ୍ଟ। ଏଥିରେ ବର୍ତ୍ତମାନ ସୁଦ୍ଧା ୨ ଜଣ ଯବାନ ସହିଦ ହୋଇଥିବା ଖବର ମିଳିଛି।

ପୁଲିସ୍ କହିଛି ଜଗରଗୁଣ୍ଡା ଅଞ୍ଚଳରେ ଆଇଇଡି ବିସ୍ଫୋରଣ ହୋଇଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ସିଲଗେର ଓ ଟେକୁଲାଗୁଡେମ ମଧ୍ୟରେ ନକ୍ସଲମାନେ ଆଇଇଡି ଖଞ୍ଜିଥିଲେ। ସେଠାରେ ଯବାନମାନେ ପହଞ୍ଚିବା କ୍ଷଣି ବିସ୍ଫୋରଣ ହୋଇଥିଲା।

ଯବାନମାନେ ସିଲଗେରରୁ ଟେକୁଲାଗୁଡେମ କ୍ୟାମ୍ପକୁ ଗୋଟିଏ ଟ୍ରକ ଓ ବାଇକରେ ଯାଉଥିଲେ। ବିସ୍ଫୋରଣ ଯୋଗୁ ସେମାନଙ୍କ ଟ୍ରକଟି ଛିନଛତ୍ର ହୋଇଯାଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ସିଆରପିଏଫର କୋବ୍ରା ୨୦୧ ବାଟାଲିୟନର ୨ ଜଣ ଯବାନ ସହିଦ ହୋଇଥିବା ଜଣେ ପୁଲିସ୍ ଅଧିକାରୀ କହିଛନ୍ତି। ସେ କହିଛନ୍ତି ଯେ ଟ୍ରକରେ ଥିବା ଡ୍ରାଇଭର ବିଷ୍ଣୁ ଓ ଆଉ ଜଣେ ଯବାନ ଶୈଳେନ୍ଦ୍ରଙ୍କ ଏଥିରେ ମୃତ୍ୟୁ ହୋଇଛି। ସେମାନଙ୍କ ମୃତଦେହକୁ ଘଟଣା ସ୍ଥଳରୁ ଉଦ୍ଧାର କରାଯାଇଛି। ସେହିପରି ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

# ଅମିତ ଶାହଙ୍କ ବନ୍ୟା ପରିଚାଳନା ପ୍ରସ୍ତୁତି ସମୀକ୍ଷା

ନୂଆଦିଲ୍ଲୀ, ୨୩।୬(ମହାଭାରତ): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ବନ୍ୟା ପରିଚାଳନା ପ୍ରସ୍ତୁତି ର ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଦେଶରେ ବନ୍ୟା ବିପଦର ମୁକାବିଲା ପାଇଁ ଏକ ବ୍ୟାପକ ଏବଂ ସୁଦୂରପ୍ରସାରୀ ନୀତି ପ୍ରସ୍ତୁତ କରିବା ପାଇଁ ଦୀର୍ଘମିଆଦୀ ପଦକ୍ଷେପର ମଧ୍ୟ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସମୀକ୍ଷା କରିଥିଲେ।

ଏହି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଗତବର୍ଷ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଗ୍ରହଣ କରାଯାଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ଏହା ସହ ବନ୍ୟା ପରିଚାଳନା ପାଇଁ ସମସ୍ତ ଏଜେନ୍ସି ଦ୍ୱାରା ଗ୍ରହଣ କରାଯାଉଥିବା ନୂତନ ଜ୍ଞାନକୌଶଳ ଏବଂ ସେମାନଙ୍କ ନେଟୱାର୍କର ସମ୍ପ୍ରସାରଣ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଶ୍ରୀ ଅମିତ ଶାହ ବରଫଖଣ୍ଡ ତରଳିବା ଜନିତ ବନ୍ୟା (ଜିଏଲଓଏଫ)ର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଦ୍ୱାରା ବନ୍ୟା ଓ ଜଳ ପରିଚାଳନା ପାଇଁ ବିଭିନ୍ନ ଏଜେନ୍ସି ଦ୍ୱାରା ପ୍ରଦାନ କରାଯାଇଥିବା ଉପଗ୍ରହ ଚିତ୍ରର ସର୍ବୋତ୍ତମ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ବିପର୍ଯ୍ୟୟ ପରିଚାଳନା 'ଜିରୋ କାଜୁଆଲିଟି ଆଭିମୁଖ୍ୟ' ସହିତ ଆଗେଇ ଚାଲିଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି। ବନ୍ୟା ପରିଚାଳନା ପାଇଁ ଏନଡିଏମଏ ଜାରି କରିଥିବା ମାର୍ଗଦର୍ଶିକାକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ନିବେଦନ କରିଛନ୍ତି । ବନ୍ୟା ପୂର୍ବାନୁମାନରେ ବ୍ୟବହୃତ ସମସ୍ତ ଉପକରଣର ଆଧୁନିକୀକରଣ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରିବାକୁ ସେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏବଂ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି)କୁ ନିର୍ଦ୍ଦେଶ ଦେଇଛନ୍ତି। ସିକ୍କିମ୍ ଓ ମଣିପୁରରେ ସାମ୍ପ୍ରତିକ ବନ୍ୟା ସମ୍ପର୍କରେ ବିସ୍ତୃତ ଅଧ୍ୟୟନ କରି ଗୃହ ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ଶାହ ସଂପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରମୁଖ ଡ୍ୟାମର ବନ୍ୟା ଗେଟ୍ ଗୁଡ଼ିକ ଯେପରି ଭଲ ଅବସ୍ଥାରେ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ସିଡବ୍ଲୁସିର ବନ୍ୟା ନିରୀକ୍ଷଣ କେନ୍ଦ୍ର ଗୁଡ଼ିକ ଆମର ଆବଶ୍ୟକତା ଏବଂ ଅନ୍ତର୍ଜାତୀୟ ମାନର ହେବା ଉଚିତ୍ ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଅସମୟରେ ଜଳ ପ୍ରବାହିତ ହେଉଥିବା ନଦୀଗୁଡ଼ିକରେ ଅଧିକ ମାଟି କ୍ଷୟ ଓ ମାଟି ଖସିବା ଆଶଙ୍କା ରହିଛି, ଯାହା ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଉନ୍ନତ ବନ୍ୟା ପରିଚାଳନା ପାଇଁ ନଦୀଗୁଡ଼ିକର ଜଳସ୍ତରର ପୂର୍ବାନୁମାନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ବନ୍ୟା ପରିସ୍ଥିତିରେ ରାସ୍ତା ଜଳମଗ୍ନ ହେବାର ମୁକାବିଲା ପାଇଁ ପ୍ରାକୃତିକ ଡ୍ରେନେଜ୍ ବ୍ୟବସ୍ଥା ରାସ୍ତା ନିର୍ମାଣର ଡିଜାଇନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବା ଉଚିତ୍ । ଶ୍ରୀ ଶାହ କହିଛନ୍ତି ଯେ ଉତ୍ତର-ପୂର୍ବରେ ଅତି କମରେ ୫୦ଟି ବୃହତ ପୋଖରୀ ନିର୍ମାଣ କରାଯିବା ଉଚିତ ଯାହାଦ୍ୱାରା ବ୍ରହ୍ମପୁତ୍ର ନଦୀର ଜଳକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସେହି ପୋଖରୀଗୁଡିକରେ ସଂରକ୍ଷଣ କରାଯାଇପାରିବ । ଏହା ଦ୍ୱାରା ସେହି ଅଂଚଳରେ କମ୍ ଖର୍ଚ୍ଚରେ କୃଷି, ଜଳସେଚନ ଓ ପର୍ଯ୍ୟଟନର ବିକାଶ ହେବା ସହ ବନ୍ୟା ମୁକାବିଲା ରେ ସହାୟକ ହେବ ଏବଂ ଶେଷରେ ସ୍ଥାନୀୟ ଅର୍ଥନୀତି ଉପକୃତ ହେବ ବୋଲି ସେ କହିଛନ୍ତି।

ଶ୍ରୀ ଅମିତ ଶାହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଜଙ୍ଗଲରେ ନିଆଁ ଲାଗିବା ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ନିୟମିତ ଭାବେ ଯେଉଁସବୁ ଅଂଚଳରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି ତାହାକୁ ଚିହ୍ନଟ କରିବା, ଶୁଖିଲା ପତ୍ର ହଟାଇବା ଏବଂ ସ୍ଥାନୀୟ ବାସିନ୍ଦା ଓ ବନ କର୍ମଚାରୀଙ୍କ ସହ ସମୟ ସମୟରେ ମକ୍ ଡ୍ରିଲ୍ କରିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ସହ ସେହି ସ୍ଥାନରେ ବାରମ୍ବାର ଜଙ୍ଗଲରେ ନିଆଁ ଲାଗିବା ଘଟଣାର ବିଶ୍ଳେଷଣ କରିବାକୁ ମଧ୍ୟ କହିଥିଲେ। ଜଙ୍ଗଲରେ ନିଆଁ ଲାଗିବା ଘଟଣାର ମୁକାବିଲା ପାଇଁ ଏକ ବିସ୍ତୃତ ମାନୁଆଲ ପ୍ରସ୍ତୁତ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଏନଡିଏମଏକୁ କହିଛନ୍ତି।

# କଂଗ୍ରେସରୁ ୫ ପଦାଧିକାରୀ ବହିଷ୍କୃତ

ଭୁବନେଶ୍ୱର, ୨୩।୬(ମହାଭାରତ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ ଘଟଣାରେ ୫ ଜଣ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଯୋଗୁ ସେମାନଙ୍କୁ ବହିଷ୍କାର କରିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂହ ସାଲୁଜା ଏହି କାର୍ଯ୍ୟାନୁଷ୍ଠାନ ସଂପର୍କରେ ଜଣାଇଛନ୍ତ। ଏ ସଂପର୍କରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ଓଡ଼ିଶା ପ୍ରଭାରୀ ଡାକ୍ତର ଅଜୟ କୁମାରଙ୍କୁ ମଧ୍ୟ ଅବଗତ କରାଯାଇଛି।



ବହିଷ୍କୃତ ହୋଇଥିବା କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ହେଉଛନ୍ତି- ପ୍ରକାଶ ମିଶ୍ର (ଓପିସିସିର ସାଧାରଣ ସଂପାଦକ), ଶ୍ରୀୟାସ୍ମିତା ପଣ୍ଡା (ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସଂପାଦକ), ସନ୍ଦୀପ ରାଉତରାୟ (ଏନ୍ଏସ୍ୟୁଆଇ ସଂପାଦକ), ଅମରେଶ ପରିଡ଼ା ( ଯୁବ କଂଗ୍ରେସ, ରାଜ୍ୟ ସଂପାଦକ) ଓ ଆର୍ଯ୍ୟନ ସାସମଲ (ଏନ୍ଏସ୍ୟୁଆଇ, ରାଜ୍ୟ ସଂପାଦକ)। ଗତ ଶୁକ୍ରବାର ପିସିସି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ଭବନରେ ତାଙ୍କ ଚାମ୍ବରରେ ବସିଥିବା ବେଳେ ତାଙ୍କ ଉପରକୁ କାଳିମାଡ଼ କରାଯାଇଥିଲା। ବହିଷ୍କୃତ ହୋଇଥିବା ଉପରୋକ୍ତ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ତାଙ୍କ ଉପରକୁ କାଳି ମାଡ଼ କରିଥିଲେ। ଏହା ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହିତ ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିଥିଲା। ସେଥିପାଇଁ ପିସିସି ସଭାପତି ସେମାନଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରିଛନ୍ତି।

# 'ସୁଭଦ୍ରା ଯୋଜନାରେ ଓଡ଼ିଶାର ସବୁ ମହିଳାଙ୍କୁ ମିଳିବ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର୍'

ଭୁବନେଶ୍ୱର, ୨୩।୬(ମହାଭାରତ): ସୁଭଦ୍ରା ଯୋଜନାରେ ଓଡ଼ିଶାର ସବୁ ମହିଳାଙ୍କୁ ମିଳିବ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର୍। ଏନେଇ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନା ରାଜ୍ୟ କ୍ୟାବିନେଟ ଅନୁମୋଦନ ଲାଭ କରିବା ପରେ ଏବେ ଡ୍ରାଫ୍ଟିଙ୍ଗ ଷ୍ଟେଜରେ ଅଛି । ଆଗାମୀ ୧୦୦ ଦିନ ମଧ୍ୟରେ ନିଶ୍ଚିତ ଭାବେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବ। ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସବୁ ମହିଳାଙ୍କୁ ମିଳିବ ସୁଭଦ୍ରା ସ୍କିମ ଟଙ୍କାୟ ଆଗାମୀ ଦୁଇ ବର୍ଷ ଭିତରେ ଏହି ଟଙ୍କାକୁ ମହିଳାମାନେ ନିଜ ଘରର ଆବଶ୍ୟକତା ଲାଗି ବ୍ୟୟ କରିପାରିବେ।

ଉପ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହିଳା ଓ ଶିଶୁ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି ଏହି ସ୍କିମକୁ ମହିଳା ମାନଙ୍କ ପାଖରେ ପହଞ୍ଚାଇବା ପାଇଁ। ଏଥିସହ ସ୍କିମ ପାଇଁ ଯେଉଁ ବଜେଟର ଆବଶ୍ୟକତା ରହିଛି ସେ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି। ଜିଏସଟି କାଉନସିଲ ବୈଠକରେ ଏନେଇ ଆଲୋଚନା ହୋଇଛି।

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଜାମିନ୍ ଉପରେ ରୋକ୍ ଲଗାଇବା ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନିଜ ଆବେଦନରେ ସୋମବାର ଏହି ମାମଲାରେ ଶୁଣାଣି କରିବାକୁ ଅନୁରୋଧ କରିଛନ୍ତି କେଜ୍ରିୱାଲ। ଆବେଦନରେ କହିଛନ୍ତି ଦିଲ୍ଲୀ ହାଇକୋର୍ଟ ଯେଉଁଭଳି ଭାବରେ ଜାମିନ୍ ଉପରେ ଷ୍ଟେ ଲଗାଇଛନ୍ତି ତାହା ଆଇନର ବିପରୀତ। ଅରବିନ୍ଦ କେଜରିୱାଲ ଏବେ ତିହାର ଜେଲରେ ବନ୍ଦୀ ଅଛନ୍ତି ଇଡି ମନିଲଣ୍ଡିଂ ସହ ଜଡ଼ିତ କେସରେ ଆପର ରାଷ୍ଟ୍ରୀୟ ସଂଯୋଜକ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗିରଫ କରାଯାଇଥିଲା। ଗତ ଗୁରୁବାର ଏହାର ପୂରା ଘଟଣା ଏକ ଭିନ୍ନ ମୋଡ଼ ନେଇଥିଲା। ଯେତେବେଳେ ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟ ଅରବିନ୍ଦ କେଜରିୱାଲଙ୍କୁ ନିୟମିତ ଜାମିନ୍ ଦେଇଥିଲେ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା
# ଅପରାଧିକ ମାମଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ଶିକ୍ଷା ମନ୍ତ୍ରଣାଳୟର ଅଭିଯୋଗ ପରେ ସିବିଆଇ ରବିବାର (ଜୁନ୍ ୨୩) ଏକ ଫୌଜଦାରୀ ମାମଲା ରୁଜୁ କରିଛି। ସିବିଆଇ ଆଇପିସି ଧାରା ୪୨୦ (ଠକେଇ) ଏବଂ ୧୨୦ ବି (ଷଡ଼ଯନ୍ତ୍ର) ଅନୁଯାୟୀ ଏଫଆଇଆର ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସିବିଆଇ ଏକ ପୃଥକ ମାମଲା ରୁଜୁ କରିଛି। ବିହାର ଓ ଗୁଜରାଟ ପୁଲିସ ରୁଜୁ କରିଥିବା ମାମଲାକୁ ନିଜ ହାତକୁ ନେଇ ନାହିଁ । ଏହି ଦୁଇ ରାଜ୍ୟର ପୁଲିସ ଏବେ ନିଜ ସ୍ତରରେ ତଦନ୍ତ ଜାରି ରଖିଛନ୍ତି । ଏହି ମାମଲାରେ ବିହାର ପୁଲିସ୍ ଶନିବାର ୬ ଜଣଙ୍କୁ ଗିରଫ କରିଥିଲା । ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ୧୯ ଜଣଙ୍କୁ ଗିରଫ କରିଛି ବିହାର ଓ ଗୁଜରାଟ ପୁଲିସ।

ଏହି ମାମଲାରେ ଆବଶ୍ୟକ ପଡ଼ିଲେ ସିବିଆଇ ବିହାର ଓ ଗୁଜରାଟ ପୁଲିସ ସହ ଯୋଗାଯୋଗ କରିବ। ଉଭୟ ରାଜ୍ୟର ପୁଲିସର ସମ୍ମତି ପରେ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କ ମାମଲାକୁ ଅକ୍ତିଆର କରାଯାଇ କେସ୍ ଡାଏରୀ ନିଆଯାଇପାରିବ। ପୂର୍ବରୁ ୟୁଜିସି ନେଟ୍ ମାମଲାରେ ଶିକ୍ଷା ମନ୍ତ୍ରଣାଳୟର ଅଭିଯୋଗ ପରେ ସିବିଆଇ ଏକ ଅପରାଧିକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ସିବିଆଇର ଦିଲ୍ଲୀ ୟୁନିଟ୍ ପୂରା ମାମଲାର ତଦନ୍ତ କରୁଛି ।

ନିଟ ପରୀକ୍ଷାକୁ ନେଇ ଚାରିଆଡେ ବିବାଦ ଜାରି ରହିଛି। ଏହି ପେପର୍ ଲିକ୍ ହୋଇଥିବା ଅଭିଯୋଗ ହୋଇଛି।ଏହି ପେପର୍ ଲିକ୍ ମାମଲରେ ବିହାର ପରେ ଏବେ ମହାରାଷ୍ଟ୍ରର ଲିଙ୍କ ସାମ୍ନାକୁ ଆସିଛି। ଧରାପଡିଛନ୍ତି ଦୁଇ ଜଣ ଶିକ୍ଷକ।ମହାରାଷ୍ଟ୍ରର ଲାତୁରରୁ ଦୁଇଜଣ ଶିକ୍ଷକଙ୍କୁ ନନ୍ଦେଡ ଏଟିଏସ୍ ଅଟକ ରଖିଛି। ଉଭୟ ଶିକ୍ଷକ ନିଟ ପେପର୍ ଲିକ୍ ମାମଲାରେ ସମ୍ପୃକ୍ତ ଥିବା ଏଟିଏସ୍ ସନ୍ଦେହ କରୁଛି। ସନ୍ଦେହ ଆଧାରରେ ଉଭୟ ଶିକ୍ଷକଙ୍କୁ ଶନିବାର ରାତିରୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଅଟକ ଥିବା ଦୁଇ ଶିକ୍ଷକ ହେଲେ ସଞ୍ଜୟ ତୁକାରାମ ଯାଦବ ଓ ଜଲିଲ ଉମରଖାନ ପଠାନ। ଉଭୟ ଲାତୁରରେ ଏକ ଘରୋଇ କୋଚିଂ କ୍ଲାସ୍ ଚଳାନ୍ତି। ଅଭିଯୁକ୍ତ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଲାତୁର ଏବଂ ଅନ୍ୟଟି ସୋଲାପୁରରେ କାର୍ଯ୍ୟରତ ଥିବା କୁହାଯାଉଛି। ଉଭୟ ଜିଲା ପରିଷଦ ବିଦ୍ୟାଳୟର ଶିକ୍ଷକ ଅଟନ୍ତି। ଶୁକ୍ରବାର ବିହାର ପୁଲିସ ପେପର୍ ଲିକ୍ ମାମଲାରେ ଝାଡଖଣ୍ଡର ଦେବଘର ଜିଲ୍ଲାରୁ ୫ ଜଣଙ୍କୁ ଗିରଫ କରିଥିଲା। ସେହିପରି ଗତ ମାସରେ ବିହାର ପୁଲିସର ଆର୍ଥିକ ଅପରାଧ ଶାଖା ତଥା ଇଓଡବ୍ଲୁ ପେପର୍ ଲିକ୍ ମାମଲାର ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଯାଦବେନ୍ଦ୍ରଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଥିଲା।

# ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ସରକାରଙ୍କ ତଦାରଖ

ଭୁବନେଶ୍ୱର, ୨୩।୬(ମହାଭାରତ): ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ସମ୍ପର୍କରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉଦବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ରାଜ୍ୟର ଖାଉଟିମାନେ ଯେପରି ସୁଲଭ ତଥା ଉଚିତ ମୂଲ୍ୟରେ ଖାଉଟି ସାମଗ୍ରୀ ପାଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗର ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି ଏବଂ ମୁନାଫାଖୋର ତଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖାଉଟି ସାମଗ୍ରୀର ଦରବୃଦ୍ଧି ବର୍ତ୍ତମାନ ଜାତୀୟ ସମସ୍ୟା ହୋଇଥିଲେ ମଧ୍ୟ ରାଜ୍ୟରେ ଅସାଧୁ ବ୍ୟବସାୟୀ ଯେପରି ଏହାର ଲାଭ ନ ଉଠାଇ ପାରନ୍ତି, ସେଥିପାଇଁ ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ତଦନୁଯାୟୀ ଯୋଗାଣ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ବଜାର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ପୁରୀ ଆଦି ଅଂଚଳରେ ଯାଂଚ କରାଯାଉଛି । ଏତଦବ୍ୟତୀତ ବିଭାଗ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀର କ୍ରୟ ବିକ୍ରୟ ଆଦି ଉପରେ ନଜର ରଖିବା ସହ ଜିଲ୍ଲାର ଯୋଗାଣ କର୍ମଚାରୀମାନଙ୍କୁ ଏ ସମ୍ବନ୍ଧରେ ବିବରଣୀ ବିଭାଗକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିପସି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

ଖବର

# ସାତ ଜନ୍ମର ସାଥୀ ହେଲେ ସୋନାକ୍ଷୀ-ଜାହିର



ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଦୀର୍ଘ ଦିନର ବୟଫ୍ରେଣ୍ଡ୍ ଜାହିର ଇକବାଲଙ୍କୁ ବିବାହ କରିଛନ୍ତି। ଗତ ସାତ ବର୍ଷ ଧରି ଡେଟିଂ କରୁଥିବା ଏହି କପଲ୍ ମୁମ୍ବାଇରେ ସ୍ୱତନ୍ତ୍ର ବିବାହ ଅଧିନିୟମ ଅନୁଯାୟୀ ହାତକୁ ଦି' ହାତ ହୋଇଛନ୍ତି। ଉଭୟ ଏବେ ଆନୁଷ୍ଠାନିକ ଭାବେ ସ୍ୱାମୀ ଏବଂ ସ୍ତ୍ରୀ। ସୋନାକ୍ଷ-ଜାହିର ଖୁବ୍‌ଶୀଘ୍ର ଶିଳ୍ପା ଶେଟ୍ଟୀଙ୍କ ରେଷ୍ଟୁରାଣ୍ଟରେ ରିସେପ୍ସନ ପାର୍ଟିରେ ନଜର ଆସିବେ। ବଲିଉଡ ସେଲିବ୍ରିଟିମାନେ ମଧ୍ୟ ସେମାନଙ୍କ ବିବାହ ଉତ୍ସବରେ ଅଂଶଗ୍ରହଣ କରିବେ। ବିବାହ ପରେ ସୋନାକ୍ଷୀ-ଜାହିର ସ୍ୱାମୀ ଏବଂ ସ୍ତ୍ରୀ ଭାବରେ ସେମାନଙ୍କର ପ୍ରଥମ ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତ। ଉଭୟ ଧଳା ଆଉଟଡଫିଟରେ ନଜର ଆସିଛନ୍ତି। ଫଟୋ ଶେୟାର କରି ଏକ ସୁନ୍ଦର ନୋଟ ମଧ୍ୟ ସୋନାକ୍ଷୀ ଲେଖିଛନ୍ତି, ସାତ ବର୍ଷ ପୂର୍ବେ (୨୩.୦୬.୨୦୧୭) ଏହି ଦିନ, ଆମେ ପରସ୍ପରର ଆଖିରେ ପ୍ରେମ ଦେଖିଥିଲୁ ଏବଂ ସେହି ସମୟରେ ଆମେ ପରସ୍ପରକୁ ହାତ ଧରି ରଖିବାକୁ ସ୍ଥିର କରିଥିଲୁ। ଆଜି ଆମର ପ୍ରେମ ଆମକୁ ଏହି ମୁହୂର୍ତ୍ତରେ ଆଣି ପହଞ୍ଚାଇଛି, ଯେଉଁଠାରେ ଆମ ୨ ପରିବାର ଏବଂ ଆମ ୨ ଈଶ୍ୱରଙ୍କ ଆଶୀର୍ବାଦ ସହିତ, ଆମେ ବର୍ତ୍ତମାନ ସ୍ୱାମୀ ଏବଂ ସ୍ତ୍ରୀ ହୋଇଛୁ। ଆମର ପ୍ରେମ ଏବଂ ଭରସା ସର୍ବଦା ଏହିପରି ରହୁ।

# ଆଲମଣ୍ଡ ଖାଇଲେ ହୃତପିଣ୍ଡର ସୁରକ୍ଷା ହୁଏ


ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ



ଜଳଖିଆରେ ଦୈନନ୍ଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

# କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?

ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ



ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧନୁର୍ଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ବରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚଯର୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରିପାରିନଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧନୁର୍ଚାଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

# ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ୍ୟ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ୍ୟ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

# କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ



ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

# ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୨୩।୬ (ମହାଭାରତ):** କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍‌ନିକାଲ୍ ଏଜୁକେସନ୍ (ଆଇଏସଟିଇ)ର ୫୩ତମ ଜାତୀୟ ବାର୍ଷିକ ସମ୍ମିଳନୀରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଇଏସଟିଇର କାର୍ଯ୍ୟକାରୀ ସମ୍ପାଦକ ଡ଼.ଏସ୍.ଏମ୍.ଅଲ୍ଲୀ ଏବଂ କୋଷାଧ୍ୟକ୍ଷ ପ୍ରଫେସର ଜି. ମାଲାସେଠୀଙ୍କ ଉପସ୍ଥିତିରେ ଆଇଏସଟିଇର ସଭାପତି ପ୍ରଫେସର ପ୍ରତାପ ସିଂ କାକାସାହେବ ଦେଶାଇ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ସବୁଜ ପ୍ରୟାସ ନିମନ୍ତେ କିଟ୍‌କୁ ମଧ୍ୟ ଆଇଏସଟିଇ ଜାତୀୟ ଶ୍ରେଷ୍ଠ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଶ୍ରେଷ୍ଠ ପ୍ରଶାସକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କୁ ଆଏଏସଟିଇ ଜାତୀୟ ଶ୍ରେଷ୍ଠ ପ୍ରଶାସକ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ସାମନ୍ତ କହିଲେ, କୌଣସି ବ୍ୟକ୍ତି ନିଷ୍ଠାର ସହ କୌଣସି ଭଲକାମ କଲେ ତାଙ୍କୁ ଯଦି ଉତ୍ସାହିତ ଓ ପ୍ରଶଂସା କରାଯାଏ ତେବେ ସେହି ବ୍ୟକ୍ତିଙ୍କୁ ଭରପୂର ଆନନ୍ଦ ମିଳିଥାଏ। ଏହି ସମ୍ମାନ ଦିଆଯାଇଥିବାରୁ ଶ୍ରୀ ସାମନ୍ତ ତେଣୁ




ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ଆଇଏସଟିଇର ଦୁଇଦିନିଆ ୫୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀର ବିଷୟବସ୍ତୁ 'ବିକଶିତ ଭାରତ୨୦୪୭: ଉଚ୍ଚଶିକ୍ଷା ସହ ସମନ୍ୱୟ' ରଖାଯାଇଛି। ଏହି ସମ୍ମିଳନୀରେ ଦେଶର ବହୁ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାବିତ୍ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରାଯାଇ ସଂସ୍କାର ଅଣାଯାଇପାରିବ ଏବଂ ଉଚ୍ଚ ଶିକ୍ଷା ସହ ସମନ୍ୱୟ ରକ୍ଷା କରାଯାଇ କିପରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରାଯାଇପାରିବ ସେ ନେଇ ବ୍ୟାପକ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼. ପି.କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫ଜଣ ବିଶିଷ୍ଟ ବୈଷୟିକ ଶିକ୍ଷାବିତ୍ ଆଇଆଇଟି, ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ୍ ବାନାର୍ଜୀ, ଅବସରପ୍ରାପ୍ତ ମେଜର ଜେନେରାଲ୍ ମହେଶ କୁମାର ହାଡ଼ା, ଏଆଇସିଟିଇ ପରାମର୍ଶଦାତା ପ୍ରଫେସର ରାଜେନ୍ଦ୍ର ବଳିରାମ କାକଡ଼େ, ବିଶ୍ୱେଶରାୟ ବୈଷୟିକ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ବାସବାରାଜ ଗାଡ୍‌ଗେ, ବିହାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ପରାମର୍ଶଦାତା ଡ. ଅନିଲ କୁମାରଙ୍କୁ ଆଇଏସଟିଇ ଫେଲୋସିପ୍ ପ୍ରଦାନ କରାଯାଇଥିଲା।

# ଲଘୁ ଖଣିଜ ଦ୍ରବ୍ୟ ପରିବହନ ଉପରେ ରୋକ୍

**ଭୁବନେଶ୍ୱର,୨୩।୬ (ମହାଭାରତ):** କଟକ ଜିଲ୍ଲାରେ ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ଯାନବାହନ ଗୁଡିକର ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ଏହି ଖଣିଜ ଦ୍ରବ୍ୟ ଗୁଡିକୁ ପରିବହନ ସମୟରେ ଆବୃତ କରି ନ ନେବା ତଥା ଏଗୁଡିକୁ ଚାରିପଟୁ ବନ୍ଦ ଥିବା କଣ୍ଟେନର ମାଧ୍ୟମରେ ପରିବହନ କରାଯାଉ ନଥିବାରୁ ଏଗୁଡିକ ପିଚୁ ରାସ୍ତା ଉପରେ ପରସ୍ତ ପରସ୍ତ ହୋଇ ଜମି ରହି ପଥଚାରୀ ଏବଂ ଦୁଇ ଚକିଆ। ତଥା ଅନ୍ୟ ଛୋଟ ଗାଡି ଗୁଡିକ ନିମନ୍ତେ ସମସ୍ୟା ସୃଷ୍ଟି କରୁଛି। ଲିଜ୍ ଧାରୀ ମାନେ ବନ୍ଦ ଥିବା କଣ୍ଟେନରରେ ବାଲି ପରିବହନ କରି ରାସ୍ତା ଉପରେ ଉଛୁଳି ପଡ଼ିଥିବା ବାଲି କୁ ସଫା କରିବା ନିମନ୍ତେ ସେମାନଙ୍କୁ ତାଗିଦ୍ କରିବାକୁ ଜିଲ୍ଲା ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକର ଖଣି ବିଭାଗର ଉପ ନିର୍ଦ୍ଦେଶକ ଏବଂ ଜିଲ୍ଲା ଖଣି ଅଧିକାରୀଙ୍କୁ ଏ ସମ୍ବନ୍ଧରେ ଅବଗତ କରାଯାଇ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ପରିଲକ୍ଷିତ ହୋଇଛି। ସଧାରଣ ଜନତାଙ୍କ ଯାତାୟାତ ସୁରକ୍ଷା ଦୃଷ୍ଟିରୁ ରାସ୍ତା ଉପରେ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଏହି ପରସ୍ତ ଜମିଥିବା ବାଲି ପୁରା ସଫା ନ ହେଲା ପର୍ଯ୍ୟନ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅରିନ୍ଦମ ଡାକୁଆ। ଆଜି ସନ୍ଧ୍ୟା ୬ ଟା ଠାରୁ କଟକ ଜିଲ୍ଲାର ରାସ୍ତା ଗୁଡିକରେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ନିଷେଧ କରିଛନ୍ତି। ପ୍ରକାଶ ଥାଉକି ଲିଜ ଧାରୀ ମାନେ ରାସ୍ତା ଉପରୁ ଲଘୁ ଖଣିଜ ପଦାର୍ଥ, ବିଶେଷ ଭାବେ ବାଲି ସଫା କରି ପ୍ରମାଣ ସ୍ୱରୂପ ସମୟ ଛାପ ଥିବା ଜିଓ ଟାଗ୍ଡ଼ ଫଟୋ/ ଭିଡିଓ ସହ ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଆବଶ୍ୟକୀୟ ପ୍ରମାଣପତ୍ର ହାସଲ କରି ଦାଖଲ କଲେ ହିଁ ରାସ୍ତା ବାଲି ମୁକ୍ତ ହେଲା ବୋଲି ଧରାଯିବ।

# ସାନ୍ତାଳୀ ଭାଷାରେ ଶପଥ ନେବେ ମୟୂରଭଂଜ ସାଂସଦ

**ଭୁବନେଶ୍ୱର,୨୩।୬ (ମହାଭାରତ):** ସଂସଦରେ ନୂତନ ଭାବେ ନିର୍ବାଚିତ ହୋଇ ଆସିଥିବା ସାଂସଦମାନେ ଶପଥ ଗ୍ରହଣ କରିବେ । ଆସନ୍ତା ୨୪ ତାରିଖରୁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ସନ୍ଧ୍ୟାରେ ଦିଲ୍ଲୀ ଅଭିମୁଖେ ବାହାରିବେ ଓଡିଶାର ବିଜେପି ସାଂସଦ । ଏହି ଅବସରରେ ନିଜ ମାତୃଭାଷା ତଥା ସାନ୍ତାଳୀ ଭାଷାରେ ଶପଥ ଗ୍ରହଣ କରିବେ ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ । ଆଗାମୀ ଦିନରେ କିଭଳି ସାନ୍ତାଳୀ ଭାଷା ଲୋକ ଲୋଚନକୁ ଆସିବ ଏବଂ ଏହାର ପ୍ରଚାର ପ୍ରସାର କିଭଳି ହେବ ସେ ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ନବ ଚରଣ ମାଝୀ କହିଛନ୍ତି ।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୬ (ମହାଭାରତ):** ସ୍ଥାନୀୟ ଜନତା ମୈଦାନଠାରେ ନବମତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଓଡିଶାର କ୍ରୀଡା ଯୁବ ବିକାଶ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହ ରାଜ୍ୟସଭା ସାଂସଦ ସୁଲତା ଦେଓ, ମେୟର ସୁଲୋଚନା ଦାସ, ଏମଏସଏମଇ ନିର୍ଦ୍ଦେଶକ ପୱନ୍ ଗୁପ୍ତା, ଉତ୍କଳ ହସ୍ପିଟାଲ ର ମୁଖ୍ୟ ପରିଚାଳନା ଅଧିକାରୀ, ଶ୍ରୀ ମାନସ ବୁଖେର, ଯୁପିଟର ଗ୍ରୁପ ର ଉପନିର୍ଦ୍ଦେଶକ ବିଶ୍ୱରଂଜନ ପାତ୍ର, ଫ୍ରିଡମ୍ ଅଏଲ ର ରାଜ୍ୟ ମୁଖ୍ୟ ଅମିୟ ଧଲ୍, ଗୁପ୍ତା ଏଭେଣ୍ଟର ପରିଚାଳନା ନିର୍ଦ୍ଦେଶକ, ସୁଜିତ୍ କୁମାର ଗୁପ୍ତା, ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତା, ପ୍ରୋପୋଟୀ ବ୍ରାଣ୍ଡର ସଚିନ ସିଂ, ଏକଜିକେଟିଭ ଡାଇରେକ୍ଟର ଦୀପକ ମହାନ୍ତି ଆଦି ଉପସ୍ଥିତ ଥିଲେ। ବିଭିନ୍ନ ରାଜ୍ୟ ଏବଂ ଦେଶ ବାହାରୁ ସେମାନଙ୍କ ସ୍ୱତନ୍ତ୍ର ସାମଗ୍ରୀର ପ୍ରଦର୍ଶନୀ କରିବାକୁ ଆସିଛନ୍ତି ବିଭିନ୍ନ ପ୍ରକାର ଜିନିଷ ସହ ପ୍ରାୟ ୨୨ ଟି ରାଜ୍ୟ ଏବଂ ୧୦ ଟି ଦେଶ ଭାଗ ନେଇଛନ୍ତି । ଏଠାରେ ଘର କାରଣ ଠାରୁ ଆରମ୍ଭ କରି ବାହାରେ ବ୍ୟବହାର ଉପଯୋଗୀ ଫାଉଂଟନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଜିନିଷ ସୁଲଭ ମୂଲ୍ୟରେ ପାଇପାରିବେ। ଏହି ୯ମ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ଚଳିତ ମାସ ୨୧ ତାରିଖରୁ ଠାରୁ ୧-ଜୁଲାଇ ପର୍ଯ୍ୟନ୍ତ, ଜନତା ମୈଦାନରେ ପ୍ରତିଦିନ ୨.୦୦ ରୁ ରାତି ୧୦.୦୦ ଟା ପର୍ଯ୍ୟନ୍ତ ଚାଲିବ। ଏହି ବାଣିଜ୍ୟ ମେଳାରେ ରିଅଲ ଇଷ୍ଟେଟ, କନ୍‌ଷ୍ଟ୍ରକସନରେ ବ୍ୟବହାର ଉପଯୋଗୀ ଦ୍ରବ୍ୟ, ଫର୍ଣ୍ଣିଚର, ଇଂଟରିୟର, ହୋମ ଡେକୋର, ଗୃହ ଉପଯୋଗୀ ଉପକରଣ, ଜୀବନଶୈଳୀ ଏବଂ ପୋଷାକ, ଅଟମୋବାଇଲ, ପ୍ରାଚୀନ ଦ୍ରବ୍ୟ, ସମସ୍ତ ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ବୁଟୀକ ଓ ବିଉଟି, ଘର ସାଜସଜ୍ଜା ଉପକରଣ, ଜାତୀୟ ଏବଂ ଆନ୍ତର୍ଜାତୀୟ ପ୍ରାଚୀନ ଦ୍ରବ୍ୟ, ଭଳି ୪୦୦୦ ରୁ ଉର୍ଦ୍ଧ୍ୱ ଜାତୀୟ ଓ ଆନ୍ତର୍ଜାତୀୟ ସାମଗ୍ରୀ ଆପଣ ପାଇ ପାରିବେ। ଏହା ସହ ବୁଲାବୁଲି ସହ ମନୋରଞ୍ଜନ ଭରା କାର୍ଯ୍ୟକ୍ରମର ମଧ୍ୟ ମଜା ଉଠାନ୍ତୁ ପ୍ରତିଦିନ ସଂଧ୍ୟାରେ ଫ୍ୟାଶନ ଶୋ, ଟାଲେଣ୍ଟ ହଣ୍ଟ, ରକ ବ୍ୟାଣ୍ଡ ପ୍ରତିଯୋଗିତା ମାନ ନାମୀଦାମୀ ଓଲିଉଡ ଓ ବଲିଉଡ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଭଳି କାର୍ଯକ୍ରମମାନର ଆୟୋଜନ କରାଯାଇଛି। ଫ୍ରିଡମ୍ ଅଏଲ ଆଣ୍ଡ ୱଣ୍ଡର ୱାଲ୍ଡ ୱାଟର ପାର୍କ ତରଫରୁ ପ୍ରତ୍ୟେକ ଦିନ ଭଗ୍ୟଶାଳି ବିଜେତା ବାଛଯାଇ ଉପହାର ପ୍ରଦାନ କରାଯିବ। ଫିଲ୍ ଆଲାଇଭ ଓ ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟ ତରଫରୁ ପ୍ରଖ୍ୟାତ ମନୋଚିକିତ୍ସକ ଙ୍କ ଦ୍ୱାରା ମାନସିକ ପରାମର୍ଶର ମଧ୍ୟ ମାଗଣାରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

### ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ

# ଦେବସ୍ୱିନୀ ମହାରଣା ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ

**ଭୁବନେଶ୍ୱର,୨୩।୬ (ମହାଭାରତ):** ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଷଷ୍ଠଦଶତମ ଶେଷ ବର୍ଷ ସ୍ନାତକ ପାଠ୍ୟକ୍ରମର ବାର୍ଷିକ ପରୀକ୍ଷା ଫଳ ୨୦୨୧-୨୦୨୪ ଶିକ୍ଷା ବର୍ଷ ନିମନ୍ତେ ଶନିବାର ମୈତ୍ରୀଭବନ ପରିସରରେ ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ଛାତ୍ରଛାତ୍ରୀ ମାନଙ୍କର ମୋଟ ପାସ ହାର ଶତକଡ଼ା ୮୯.୭ପ୍ରତିଶତ ରହିଥିବାବେଳେ, ଚଳିତ ବର୍ଷ ଛାତ୍ରମାନଙ୍କ ଠାରୁ କଳା, ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରୀମାନେ ଆଗରେ ଅଛନ୍ତି । ଚଳିତ ବର୍ଷ ଛାତ୍ରୀମାନଙ୍କର ପାସହାର ଚଳିତବର୍ଷ ୯୩.୫ପ୍ରତିଶତ ଥିବାବେଳେ ଛାତ୍ରମାନଙ୍କର ୮୫.୫ ପ୍ରତିଶତ ରହିଛି। କଳା ବିଭାଗରେ ପାସହାର




୮୬.୮ପ୍ରତିଶତ ଥିବାବେଳେ ବିଜ୍ଞାନ ରେ ୯୨.୬ ଓ ବାଣିଜ୍ୟ ବିଭାଗରେ ୮୯.୮ପ୍ରତିଶତ ରହିଛି। କମ୍ପ୍ୟୁଟର ବିଜ୍ଞାନ ସମ୍ମାନର ଛାତ୍ରୀ ଦେବସ୍ୱିନୀ ମହାରଣା ସର୍ବାଧିକ ମୋଟ ୯.୪୩ ସିଜିପିଏ ରଖି ମହାବିଦ୍ୟାଳୟ ର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି କଳା ବିଭାଗରେ ଶିକ୍ଷା ସମ୍ମାନ ର ଛାତ୍ରୀ ଶୁଭଲକ୍ଷ୍ମୀ ପୃଷ୍ଟି, ବାଣିଜ୍ୟ ବିଭାଗରେ ଶାଶ୍ୱତୀ ବାହାଲି ଓ ବିବିଏ ରେ ଭାଗ୍ୟଶ୍ରୀ ତ୍ରିପାଠୀ ଟପ୍ପର ହୋଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ଆସନ୍ତା ସାମ୍ବତ୍ସରିକ ଉତ୍ସବ- ୨୦୨୫ ରେ ସ୍ୱର୍ଣ୍ଣପଦକ ପ୍ରାପ୍ତହେବେ।

ଏହି ଅନ୍ତିମ ପରୀକ୍ଷା ଫଳ ଛଅଗୋଟି ସେମିଷ୍ଟାର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ତଥା ଖୋର୍ଦ୍ଧା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଅଧ୍ୟକ୍ଷା ଡକ୍ଟର ବିନୋଦିନୀ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧ୍ୟାପିକା ଡଃ ନନ୍ଦିତା ଛୋଟରାୟ, ଉପ ନିୟନ୍ତ୍ରକ ପ୍ରଫେସର ଉପେନ୍ଦ୍ର କୁମାର ବାରିକ, ଡକ୍ଟର ମଧୁସ୍ମିତା ତ୍ରିପାଠୀ ଓ ଡକ୍ଟର ପ୍ରଦୀପ୍ତ କୁମାର ମହାପାତ୍ର, ପ୍ରଫେସର ସୁଧାଂଶୁବାଳା ରାଉତ, ପ୍ରଫେସର ପ୍ରଣତି ମହାପାତ୍ର, ପ୍ରଫେସର ସୁକୁମାର ପଟ୍ଟନାୟକ, ଅକ୍ଷୟ କୁମାର ମିଶ୍ର, ପରୀକ୍ଷା ବିଭାଗ ଏବଂ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ସଭାକୁ ପରିଚାଳନା କରିଥିଲେ।

# ଆଇଟିଇଆର୍ ଓ ଆଇବିସିଏସ୍ ପୂର୍ବ ଭାରତର ସର୍ବଶ୍ରେଷ୍ଠ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜ

**ଭୁବନେଶ୍ୱର,୨୩।୬ (ମହାଭାରତ):** ପୂର୍ବ ଭାରତର ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ଓ ମ୍ୟାନେଜମେଂଟ କଲେଜ ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ବୁଧବାର କୋଲକାତା ଠାରେ ଟାଇମ୍ସ ନାଓ ବିଜିନେସ୍ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି।

ଆଇଟିସି ରୟାଲ ବେଙ୍ଗଲ ହୋଟେଲରେ ଆୟୋଜିତ ଟାଇମ୍ସ ନାଓ ବିଜିନେସ୍ ଏକ୍ସଲେନ୍ସ ଆୱାର୍ଡ - ଇଷ୍ଟ ୨୦୨୪ କାର୍ଯ୍ୟକ୍ରମରେ ସୋଆର ଏହି ଦୁଇଟି ଶିକ୍ଷାନୁଷ୍ଠାନକୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି।




ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅଙ୍କୋଲୋଜି, କାର୍ଡିଓଲୋଜି ଆଣ୍ଡ କାର୍ଡିଆକ୍ ସର୍ଜରୀ, ୟୁରୋଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗ ଗୁଡ଼ିକୁ ଓଡ଼ିଶାର ଏକ ନମ୍ବର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ଶ୍ରେଷ୍ଠ ବିଭାଗ ଭାବେ ସମ୍ମାନ ପ୍ରଦାନ କରାଯାଇଛି।

ବଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ଓ ବିଶିଷ୍ଟ ସମାଜସେବୀ ସୋନୁ ସୁଦ, ବଲିଉଡ୍ ଓ ବଙ୍ଗଳା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ପରମବ୍ରତ ଚାଟାର୍ଜୀ ଏବଂ ଆଲାଏନ୍ସ ଫ୍ରାନକେସ ଡୁ ବେଙ୍ଗଲେ ର ନିର୍ଦ୍ଦେଶକ ନିକୋଲାସ୍ ଫାସିନୋ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ସୋଆକୁ ଏହି ୭ଟି ସମ୍ମାନ ପ୍ରଦାନ କରିଥିଲେ। ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମୁଳା ଦାସ ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଅତିଥିମାନଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ସମ୍ମାନ ପ୍ରଦାନ ସମୟରେ ଅଭିନେତା ସୋନୁ ସୁଦ, ପରମବ୍ରତ ଚାଟାର୍ଜୀ ଓ ଆଲାଏନ୍ସ ଫ୍ରାନକେସ ଡୁ ବେଙ୍ଗଲେ ର ନିର୍ଦ୍ଦେଶକ ନିକୋଲାସ୍ ଫାସିନୋ ସୋଆକୁ ଉଚ୍ଚ ପ୍ରଶଂସା କରିଥିଲେ।

ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ବିଭିନ୍ନ ଉନ୍ନତିମୂଳକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ଟାଇମ୍‌ସ ନାଓ ବିଜନେସ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

# ସାଙ୍ଗକୁ ଶାବଳରେ ପିଟି ମାରିଥିଲା ଅଭିଯୁକ୍ତ

**ଭୁବନେଶ୍ୱର,୨୩।୬ (ମହାଭାରତ):** ବେଶ୍ କିଛିଦିନର ବ୍ୟବଧାନ ପରେ ପୁଣି ରକ୍ତ ରଞ୍ଜିତ ହୋଇଛି ରାଜଧାନୀ। ମଦ ନିଶାରେ ସାଙ୍ଗକୁ ଶାବଳରେ ପିଟି ଅତି ନିର୍ମମ ଭାବେ ହତ୍ୟା କରିଛି ସାଙ୍ଗ। ମୃତ ଯୁବକ ହେଲେ ଖୋର୍ଦ୍ଧା ପାଟପୁରର ସୁଶାନ୍ତ ଶତପଥୀ (୪୦)। ସେ ତମାଣ୍ଡୋ ଥାନା ଅନ୍ତର୍ଗତ ମହୁରାରେ ଜଣେ ଠିକାଦାରଙ୍କ ଅଫିସରେ ରହୁଥିଲେ। ସ୍ଥାନୀୟ ଅଞ୍ଚଳରେ ରୋଷେୟା ଭାବେ କାମ କରୁଥିଲେ। ହତ୍ୟାକାଣ୍ଡ ଭିଆଇ ଖସି ପଳାଉଥିବା ଶ୍ରମିକ ବୌଦ୍ଧର ରଞ୍ଜନ ଦୀପ(୨୭)କୁ ପୁଲିସ ଉଠାଇ ଆଣି ଥାନାରେ ଅଟକ ରଖିଛି।

ଠିକାଦାର ତଥା ନଂପୁଟ ସରପଞ୍ଚଙ୍କ ସ୍ୱାମୀ ଆବୁଅ। ଓରଫ କମ୍ବୁପାଣି ପାତ୍ରଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଏମ୍‌ସ ହସ୍ପିଟାଲରେ ସୁଶାନ୍ତଙ୍କ ଶବ ବ୍ୟବଚ୍ଛେଦ କରାଇ ପୁଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୁଶାନ୍ତଙ୍କୁ ରଞ୍ଜନ କାହିଁକି ହତ୍ୟାକଲେ ସେ ନେଇ ପୁଲିସ ସ୍ପଷ୍ଟ କରିନାହିଁ। ତେବେ ଯୌନନିର୍ଯାତନା ଯୋଗୁଁ ଉତ୍‌କ୍ଷୀପ୍ତ ହୋଇ ରଞ୍ଜନ ଶାବଳରେ ପିଟିପିଟି ସୁଶାନ୍ତଙ୍କୁ ହତ୍ୟା କରିଥିବା ଜଣେ ପୁଲିସ ଅଧିକାରୀ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ସୂଚନା ମୁତାବକ, ଠିକାଦାର କମ୍ବୁପାଣି ମହୁରାରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ନିକଟରେ ୨ ମହଲା ବିଶିଷ୍ଟ ଅଫିସ କରିଛନ୍ତି। ତାଙ୍କର ଜଣେ କର୍ମଚାରୀଙ୍କ ଭାଇ ହେଉଛନ୍ତି ସୁଶାନ୍ତ। ସେ ବୁଲିବୁଲି ରୋଷେୟା ଭାବେ କାମ କରନ୍ତି। ସୁଶାନ୍ତ କମ୍ବୁପାଣିଙ୍କ ଅଫିସର ଦ୍ୱିତୀୟ ମହଲାରେ ଆସି ରୁହନ୍ତି। ତାଙ୍କ ସହ କମ୍ବୁପାଣିଙ୍କ ଠିକା ସଂସ୍ଥାରେ ଶ୍ରମିକଭାବେ କାମ କରୁଥିବା ରଞ୍ଜନ ମଧ୍ୟ ରହୁଥିଲା। ଦୁଇଜଣଙ୍କ ମଧ୍ୟରେ ଉତ୍ତମ ସଂପର୍କ ଥିଲା। ତଳ ମହଲାରେ ମଧ୍ୟ କିଛି ଲୋକ ରହୁଥିଲେ। ଶୁକ୍ରବାର ରାତିରେ ସୁଶାନ୍ତ ଓ ରଞ୍ଜନ ଛାତ ଉପରେ ଏକାଠି ମଦ ପିଇଥିଲେ। ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ୍ଚ ହୋଇଥିଲା। ଏହାକୁ ନେଇ ରଞ୍ଜନ ପାଖରେ ପଡ଼ିଥିବା ରଡ୍ ବାଇଣ୍ଡିଂରେ ବ୍ୟବହୃତ ଶାବଳରେ ସୁଶାନ୍ତଙ୍କ ମୁଣ୍ଡକୁ ଲଗାତର ୪ ଥର ପିଟି ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା।

# ଜିଆରଏମ ଓଭରସିଜ୍ ଲିମିଟେଡ୍‌ର ବୋର୍ଡ ବୈଠକ

**ଭୁବନେଶ୍ୱର,୨୩।୬ :** ଜିଆରଏମ ଓଭରସିଜ୍ ଲିମିଟେଡ୍ (ଜିଆରଏମ) ନାମକ ଏକ ଅଗ୍ରଣୀ ଉପଭୋକ୍ତା ଷ୍ଟେପଲ୍ସ ସଂଗଠନ ଘୋଷଣା କରିଛି ଯେ ଏହାର ବୋର୍ଡ ୨୧ ଜୁନ୍ ୨୦୨୪ରେ ବୈଠକ କରି ପ୍ରମୋଟର/ ପ୍ରମୋଟର ଗ୍ରୁପ୍ / ଅଣ-ପ୍ରମୋଟର ଗ୍ରୁପ୍ ବର୍ଗର ବ୍ୟକ୍ତିଙ୍କୁ ସିକ୍ୟୁରିଟିର ଅଗ୍ରାଧିକାର ପ୍ରଦାନ ମାଧ୍ୟମରେ ପାଣ୍ଠି ସଂଗ୍ରହ ପ୍ରସ୍ତାବ ଉପରେ ବିଚାର କରିବ ଏବଂ ଅନୁମୋଦନ କରିବ। ଏହା ପୂର୍ବରୁ କମ୍ପାନି ସୂଚନା ଦେଇଥିଲା ଯେ ଓମାନର ସଲତାନତ କୃଷି, ମତ୍ସ୍ୟ ସମ୍ପଦ ଓ ଜଳ ସମ୍ପଦ ମନ୍ତ୍ରଣାଳୟଠାରୁ ୪୫୦୦ ମେଟ୍ରିକ୍ ଟନ୍ ପ୍ରିମିୟମ୍ ବାସମତୀ ଚାଉଳ ଯୋଗାଣ ପାଇଁ ପ୍ରଥମ ଆଦେଶ ମିଳିଛି। ମେନା ଅଞ୍ଚଳର ସରକାରୀ ସଂସ୍ଥାଗୁଡ଼ିକ ଜିଆରଏମ ଓଭରସିଜ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଟାର୍ଗେଟ୍ ବଜାର ଖୋଲିଛନ୍ତି ଯାହାର ମୋଟ ଆକାର ପ୍ରାୟ ୭,୦୦,୦୦୦ ମେଟ୍ରିକ୍ ଟନ୍ + ବାସମତୀ ଚାଉଳ। ମେନା ଅଂଚଳ ହେଉଛି ବାସମତୀ ଚାଉଳର ସର୍ବବୃହତ ଆମଦାନୀକାରୀ, ଆର୍ଥିକ ବର୍ଷ ୨୩ରେ ଭାରତରୁ ମୋଟ ରପ୍ତାନିରେ ସିଂହ ଭାଗ ଯ ୭୮% ଥିବା ବେଳେ ୟୁରୋପ ୬.୯% ଏବଂ ଯୁକ୍ତରାଷ୍ଟ୍ର ଆମେରିକା + କାନାଡାର ଯୋଗଦାନ ୬.୬% (ଆର୍ଥିକ ବର୍ଷ ୨୩)। ଜିଆରଏମ ଓଭରସିଜ୍ ନିଜକୁ ରଣନୈତିକ ଭାବରେ ଅବସ୍ଥାପିତ କରିଛି, କାରଣ ଏହାର ରପ୍ତାନି ବ୍ୟବସାୟର ୯୫% ମେନା ଅଞ୍ଚଳରେ ଅଛି ଏବଂ ମେନା ଅଞ୍ଚଳର ଶ୍ରେଷ୍ଠ ୫ ବାସମତୀ ଚାଉଳ ରପ୍ତାନୀକାରୀଙ୍କ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିଛି ।

# ଶ୍ରେଷ୍ଠା ଫିନଭେଷ୍ଟ ଲିମିଟେଡ ବୋର୍ଡ ଅଧିକାର ପ୍ରସଙ୍ଗକୁ ଅନୁମୋଦନ କଲା

**ଭୁବନେଶ୍ୱର,୨୩।୬ :** ଆର୍ଥିକ ସମାଧାନରେ ଅଗ୍ରଣୀ ଶ୍ରେଷ୍ଠା ଫିନଭେଷ୍ଟ ଲିମିଟେଡ ଘୋଷଣା କରିଛି ଯେ ବୋର୍ଡ ରେକର୍ଡ ତାରିଖ ସୁଦ୍ଧା ଏହି ଯୋଗ୍ୟ ଅଂଶଧନଧାରୀଙ୍କ ପାଖରେ ଥିବା ପ୍ରତ୍ୟେକ ୨୯ଟି ଇକ୍ୱିଟି ସେୟାର ପାଇଁ ୧୨ଟି ରାଇଟ୍ସ ସେୟାର ଅନୁପାତରେ ୨ ଟଙ୍କା ଇସ୍ୟୁ ମୂଲ୍ୟରେ ଏକ ରାଇଟ୍ସ ଇସ୍ୟୁକୁ ଅନୁମୋଦନ କରିଛି। ଏହି ଇସ୍ୟୁ ଜୁଲାଇ ୪ରେ ଖୋଲିବ ଏବଂ ଜୁଲାଇ ୧୮, ୨୦୨୪ରେ ବନ୍ଦ ହେବ। ବଜାର ଅଧିକାର ପ୍ରତ୍ୟାହାର ଅଧିକାର ର ଶେଷ ତାରିଖ ହେଉଛି ଜୁଲାଇ ୧୨, ୨୦୨୪ । ଏହା ପୂର୍ବରୁ କମ୍ପାନି ଘୋଷଣା କରିଥିଲା ଯେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀତା ପଦକ୍ଷେପକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଏକ ସୁବିଧା ଚୁକ୍ତି ସ୍ୱାକ୍ଷର ମାଧ୍ୟମରେ ଆଇଟି ଏବଂ ଫେଲିକ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହାତ ମିଳାଇଛନ୍ତି। ଏହି ରାଜିନାମା ସ୍ୱାକ୍ଷରିତ ହେବା ଦ୍ୱାରା ନିରନ୍ତର ବିକାଶ ଉଦ୍ଦେଶ୍ୟରେ ଅକ୍ଷୟ ଶକ୍ତି ଏବଂ ସ୍ୱଚ୍ଛ ଜଳ ସମ୍ବନ୍ଧୀୟ ପ୍ରକଳ୍ପଗୁଡିକରେ ଋଣ ପ୍ରଦାନ ଦିଗରେ ଶ୍ରେଷ୍ଠା ପାଇଁ ବାଟ ଖୋଲିବ । ଏହି ଚୁକ୍ତି ଜରିଆରେ ଫେଲିକ୍ସ ସେମାନଙ୍କ ଅକ୍ଷୟ ଶକ୍ତି, ସ୍ୱଚ୍ଛ ଜଳ ଏବଂ ଜଳ ପୁନଃବ୍ୟବହାର ସମ୍ବନ୍ଧୀୟ ପ୍ରକଳ୍ପ ଗୁଡ଼ିକ ପାଇଁ ପାଣ୍ଠି ସୁରକ୍ଷିତ କରିବା ପାଇଁ ଭଲ ସ୍ଥିତିରେ ଅଛି । ସୁବିଧା ଚୁକ୍ତିରେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀତା ସମ୍ବନ୍ଧୀୟ ପ୍ରକଳ୍ପପାଇଁ ସହାୟତା ବୃଦ୍ଧି ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଆସନ୍ତା ୧-୨ ବର୍ଷ ମଧ୍ୟରେ ଉପରୋକ୍ତ ମିଶନକୁ ଲକ୍ଷ୍ୟ କରିବା ଏବଂ ନୂତନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନିଜର ପାଦ ବିସ୍ତାର କରିବା ପାଇଁ କମ୍ପାନି ଅର୍ଥାତ୍ ଶ୍ରେଷ୍ଠା ୨୫୦ ନିୟୁତ ଟଙ୍କା ପାଣ୍ଠି ପ୍ରଦାନ କରିବ।

# ବେଦ ହେଉଛି ମଣିଷ ସମାଜର ସମ୍ବିଧାନ

**ଭୁବନେଶ୍ୱର,୨୩।୬ (ମହାଭାରତ):** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କର ପ୍ରାଦେଶିକ ସାଧାରଣ ସଭା କେଶବଧାମ କଟକଠାରେ ଉଦଘାଟିତ ହୋଇଯାଇଅଛି। ଶିକ୍ଷା ବିକାଶ ସମିତିର ସଭାପତି ଡଃ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସୃତିନ୍ୟାଶର ଅଧ୍ୟକ୍ଷ ପୂଜ୍ୟ ଶୁଦ୍ଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି 'ବେଦ ହେଉଛି ମଣିଷ ସମାଜର ସମ୍ବିଧାନ' ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଭାରତୀଙ୍କର ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ସୁସ୍ଥ ଓ ସଭ୍ୟ ସମାଜର ମୂଳଦୁଅ। ସହିତ ତୁଳନା କରି ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଭାରତୀ ପରିବାରର ଦିବଂଗତ ଆତ୍ମା, ଶହୀଦ ହୋଇଥିବା ବୀର ଜବାନ ମାନଙ୍କର ମହାନ୍ ଆତ୍ମା ଓ ନିକଟରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅମର ଆତ୍ମାଙ୍କ ସଦଗତି କାମନା କରି ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିଙ୍କର ଉପସଭାପତି ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର ଏକ ମିନିଟ ନୀରବ ପ୍ରାର୍ଥନା ଶ୍ରଦ୍ଧାଞ୍ଜଳି ସ୍ୱରୂପ ଉପସ୍ଥାପନା କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କର ସମ୍ପାଦକ ଡଃ ସରୋଜ କୁମାର ହାତୀ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ ସହିତ ବିଗତ ବର୍ଷର ବାର୍ଷିକ ବିବରଣୀ ପାଠ



କରିଥିଲେ। ସହସମ୍ପାଦକ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପକ୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷା ବିକାଶ ସମିତିଙ୍କର ସଂଗଠନ ମନ୍ତ୍ରୀ ମାନନୀୟ ତାରକା ଦାସ ସରକାର ସାଧାରଣ ସଭାର ପ୍ରସ୍ତାବନା ରଖିଥିଲେ। ସ.ଶି.ବି.ମ. ନୂଆବଜାରର ଶିଶୁ ଭାଇଭଉଣୀମାନେ ସଭାକାର୍ଯ୍ୟ ଆରମ୍ଭରେ ସାମୂହିକ ସଙ୍ଗୀତ ଗାନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ବିଦ୍ୟାଭାରତୀ ପୂର୍ବ କ୍ଷେତ୍ରର ମନ୍ତ୍ରୀ ଡଃ ଲକ୍ଷ୍ମୀକାନ୍ତ ମହାରଣା, ସହମନ୍ତ୍ରୀ ଶ୍ରୀଯୁକ୍ତ ହେମନ୍ତ କୁମାର ପାଣିଗ୍ରାହୀ, ସଦସ୍ୟ ମାନନୀୟ ବିଜୟ ଶଙ୍କର କୁଲକର୍ଣ୍ଣୀ,ଶିକ୍ଷା ବିକାଶ ସମିତିଙ୍କର ସହସମ୍ପାଦକ, କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ସଦସ୍ୟ କିରଣ କୁମାର ପାଣି ଓ ପ୍ରାନ୍ତ ଶୋଧ ବିଭାଗର ଡଃ ତରୁଲତା ଦେବୀ ଉପସ୍ଥିତ ଥିଲେ। ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିଙ୍କର ସଙ୍କୁଳ ସଂଯୋଜକ, ସଂକୁଳ ପ୍ରମୁଖ, ଜିଲ୍ଲା ,ସମ୍ଭାଗ ଓ ପ୍ରାନ୍ତର ସମସ୍ତ ମୋଟ ୩୦୦ରୁ ଉର୍ଦ୍ଧ୍ୱ କାର୍ଯକର୍ତ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶିକ୍ଷା ବର୍ଷ ୨୦୨୪-୨୫ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମର ସମାରୋପ ହେବୟବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିଙ୍କର ପୂର୍ବ ସମ୍ଭାଗ ସମ୍ପାଦକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପଣ୍ଡା ମଞ୍ଚ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ନେତୃତ୍ୱ ଓ ବ୍ୟକ୍ତିତ୍ୱ

ବାସ୍ତବରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱକୁ ମାନିବାକୁ ପଡ଼ିବ ଯେଉଁଥିପାଇଁ ସେ ୫ ବର୍ଷ କାଳ ସଫଳତାର ସହ ଏକ ମିଳିତ ସରକାରର ନେତୃତ୍ୱ ନେଇପାରିଥିଲେ । ସେତେବେଳେ ଲୋକସଭରେ ବିଜେପିର ସଭ୍ୟେ ସଂଖ୍ୟା ଥିଲା ମାତ୍ର ୧୮୨ । ସଂଖ୍ୟାଗରିଷ୍ଠତାରୁ ଏହା ୯୦ କମ ଥିଲା । ତଥାପି ୧୩ଟି ଦଳକୁ ନେଇ ବାଜପେୟୀ ସଫଳତାର ସହ ନିଜ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିଲେ । ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଏନଡିଏ ସରକାରର ସ୍ଥିତି ୧୯୯୯ରେ ବାଜପେୟୀଙ୍କ ନେତୃତ୍ୱାଧିନ ଏନଡିଏ ସରକାର ତୁଳନାରେ ଯଥେଷ୍ଟ ଭଲ । ବିଜେପି ଏଥର ଲୋକସଭାରେ ୨୪୦ ଆସନ ପାଇଛି । ସହଯୋଗୀ ଦଳମାନେ ୫୩ଆସନ ପାଇଛନ୍ତି । ମ୍ୟାଜିକ ନମ୍ବରଠାରୁ ବିଜେପି ମାତ୍ର ୩୨ ପଛରେ ପଡ଼ିଛି । ତେଣୁ କୌଣସି ପ୍ରକାରେ ସହଯୋଗୀଙ୍କୁ ମନାଇ ୫ବର୍ଷ ସରକାର ଚଳାଇବା ସମ୍ଭବ । ଏଥିପାଇଁ ସବୁ ବିବାଦୀୟ ପ୍ରସଙ୍ଗକୁ ଏଡ଼ାଇ କେବଳ ସୁଶାସନ ଉପରେ ସରକାରଙ୍କୁ ମନୋନିବେଶ କରିବାକୁ ପଡ଼ିବ । ଗତ ସରକାର ସମୟରେ ଯେପରି କୃଷି ଆଇନ ପ୍ରଣୟନ କରି ସରକାର ସମାଲୋଚିତ ହୋଇଥିଲେ ଏବଂ ଅକାଳି ଦଳ ଏନଡିଏରୁ ଓହରିଯାଇଥିଲା, ଏବେ ସେପରି ପ୍ରସଙ୍ଗକୁ ଏଡ଼ାଇବାକୁ ପଡ଼ିବ । ମନ୍ତ୍ରିମଣ୍ଡଳ ଗଠନରେ ମୋଦିଜୀ ଯଥେଷ୍ଟ ସତର୍କତା ଅବଲମ୍ବନ କରିଛନ୍ତି । ସବୁ ଦଳକୁ ଯେପରି ମନ୍ତ୍ରିମଣ୍ଡଳରେ ଉପଯୁକ୍ତ ପ୍ରତିନିଧିତ୍ୱ ମିଳେ ସେଥିପ୍ରତି ମୋଦିଜୀ ଧ୍ୟାନ ଦେଇଛନ୍ତି । ତେବେ ଏନଡିଏର ଗୋଟିଏ ଅଂଶୀଦାର ଦଳ ଏନସିପି (ଅଜିତ ପାୱାର) ମନ୍ତ୍ରିମଣ୍ଡଳରେ ସାମିଲ ହୋଇନାହିଁ । ଦଳର ବରିଷ୍ଠ ସାଂସଦ ପ୍ରଫୁଲ ପଟେଲଙ୍କୁ ମନ୍ତ୍ରୀ କରାଯିବାର ପ୍ରସ୍ତାବ ଥିଲା । କିନ୍ତୁ ତାଙ୍କୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ପାହ୍ୟା ପ୍ରଦାନ କରାଯିବା ହେତୁ ସେ ଏହାକୁ ଗ୍ରହଣ କରିନଥିଲେ । ଏଥିପାଇଁ ମନ୍ତ୍ରିମଣ୍ଡଳରେ ଏନସିପି ସାମିଲ ହୋଇନାହିଁ । ଅତୀତରେ ୟୁପିଏ ସରକାରରେ ସେ କ୍ୟାବିନେଟ ମନ୍ତ୍ରୀ ଥିଲେ । ତେଣୁ ଏବେ ସେ ରାଷ୍ଟ୍ରମନ୍ତ୍ରୀ ହେବା ପ୍ରସ୍ତାବକୁ ନିଜ ପ୍ରତି ଅପମାନ ଏବଂ ଅନ୍ୟାୟ ହୋଇଥିବା ବିଚାର କରୁଛନ୍ତି । ଏହାର ଯଥାର୍ଥତା ବି ରହିଛି । ଏନଡିଏର ବିଜୟରେ ଏନସିପିର ବହୁତ ବଡ଼ ଭୂମିକା ରହିଛି ସେ କଥା ନୁହେଁ । କିନ୍ତୁ ମେ[ ଧର୍ମ ପାଳନ ତ କରିବାକୁ ପଡ଼ିବ । ସେଥିପାଇଁ ମନ୍ତ୍ରିମଣ୍ଡଳରେ ଏନସିପିକୁ ସାମିଲ କରାଯିବା ଉଚିତ । ପ୍ରଫୁଲ ପଟେଲ ଏନସିପିର ଜଣେ ବରିଷ୍ଠ ନେତା । କେନ୍ଦ୍ରରେ ଜଣେ କ୍ୟାବିନେଟ ମନ୍ତ୍ରୀ ହେବାକୁ ତାଙ୍କର ଯୋଗ୍ୟତା ଏବଂ ଏନସିପି ଦାବିର ଯଥାର୍ଥତା ରହିଛି । ନରେନ୍ଦ୍ର ମୋଦି ତାଙ୍କୁ କାହିଁକି ଉପେକ୍ଷା କଲେ ତାହା ବିସ୍ମୟଜନକ । ସଂସଦରେ ଏନସିପିର ସଂଖ୍ୟା ସେପରି ଅଧିକ ନାହିଁ । ଏନସିପି ଅସନ୍ତୁଷ୍ଟ ହୋଇ ସମର୍ଥନ ପ୍ରତ୍ୟାହାର କରିଦେଲେ ମସରକାର ଭାଙ୍ଗିଯିବନି । କିନ୍ତୁ ଏହା ମେ[କୁ ଦୁର୍ବଳ କରିଦେବ ଏବଂ ବିରୋଧୀଙ୍କୁ ଉତ୍ସାହିତ କରିବ । ବିରୋଧୀ ଚାହୁଁଛନ୍ତି ଏନଡିଏ କିପରି ଦୁର୍ବଳ ହେବ, ମେ[ ସରକାର ଭାଙ୍ଗିଯିବ । ଏହା ଦ୍ୱାରା କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ କ୍ଷମତାସୀନ ହୋଇପାରିବ । ତେଣୁ ଏନସିପିକୁ ଗୋଟିଏ ହେଲେ କ୍ୟାବିନେଟ ମନ୍ତ୍ରୀ ପଦ ନମିଳିବା ଏହି ଦଳ ପ୍ରତି ଅନ୍ୟାୟ । ମହାରାଷ୍ଟ୍ରରେ ଏନଡିଏ ସରକାରରେ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏକ ଅଂଶୀଦାର ଦଳ । ଏହାକୁ ଅଣଦେଖା ବା ଉପେକ୍ଷା କରାଯାଇପାରିବ ନାହିଁ । ରାଜନୀତିରେ ଅନେକ ଛୋଟ ଛୋଟ ଦଳର ଗୁରୁତ୍ୱ ମଧ୍ୟ ରହିଥାଏ । ମେ[ ରାଜନୀତିରେ ୧ ପ୍ରତିଶତ ଭୋଟ ମଧ୍ୟ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ । ସେଥିପାଇଁ ବିହାରରେ ଏନଡିଏ ସଫଳ ହେଲା । ସେଥିପାଇଁ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚାର ନେତା ଜିତନ ରାମ ମାନଝୀଙ୍କୁ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି । ଯଦି ମାନଝୀଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଲା ତେବେ ପ୍ରଫୁଲ ପଟେଲଙ୍କୁ କାହିଁକି ନୁହେଁ ବୋଲି ଅନେକ ପ୍ରଶ୍ନ କରୁଛନ୍ତି । ଘାର ନପଶୁଣୁ ମୁଣ୍ଡରେ ଚାଳ ବାଜିବା ପରି ମନ୍ତ୍ରିମଣ୍ଡଳ ଗଠନ ଆରମ୍ଭରୁ ଏଭଳି ବିବାଦ ଏନଡିଏ ପାଇଁ ଶୁଭଙ୍କର ନୁହେଁ ।

## ଜଗନ୍ନାଥ ଓ ହନୁମାନ

**॥ ଡାକ୍ତର ଦିଲ୍ଲୀପ କୁମାର ମହାରଣା ॥**

> “ ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ମହାବୀର କେବଳ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ନିରାପତ୍ତା ଦାୟିତ୍ୱରେ ନଥାନ୍ତି । ସେ ମଧ ମନ୍ଦିରକୁ ବାହ୍ୟ ଉପଦ୍ରବରୁ ରକ୍ଷା କରନ୍ତି । ଏହା ବ୍ୟତୀତ ହନୁମାନ ମଧ୍ୟ ବିରାଟ ପୁରୁଷୋତ୍ତମ ଧାମର ରକ୍ଷକ । ପୁରୀର ପୂର୍ବ ଦିଗରେ ଚକ୍ରତୀର୍ଥ ପାଖରେ ଦରିଆ ବେଢ଼ି ହନୁମାନ ବିଦ୍ୟମାନ । କଥିତ ଅଛି ସମୁଦ୍ରର ଉତ୍ତାଳ ଜଳରାଶି ପୁରୀ ସହର ମଧ୍ୟରେ ପ୍ରବେଶ କରି ଜନବସତି ଓ ବାସିନ୍ଦାମାନଙ୍କର ବହୁତ କ୍ଷତି ସାଧନ କରୁଥିଲା । ବେଳେବେଳେ ତାଙ୍କର ସର୍ବସ୍ୱ ସମୁଦ୍ର ହରଣ କରି ନେଉଥିଲା ।

ଜଗନ୍ନାଥ ସଂସ୍କୃତି ସହିତ ହନୁମାନ ଅତି ଘନିଷ୍ଠ ଭାବରେ ସଂପୃକ୍ତ । କାରଣ ହନୁମାନଙ୍କ ଦୃଷ୍ଟିରେ ଜଗନ୍ନାଥ ମହାପ୍ରଭୁ ହିଁ ଭଗବାନ ରାମଚନ୍ଦ୍ର । ହନୁମାନ ସଦାବେଳେ ରାମଚନ୍ଦ୍ରଙ୍କ ସମ୍ମୁଖ ଭାଗରେ ଉପବେଶନ କରନ୍ତି । ବୁଧ କୌଶିକ ଋଷିଙ୍କ ଭାଷାରେ – ‘ଦକ୍ଷିଣେ ଲକ୍ଷ୍ମଣୋ ଯସ୍ୟ ବାମେ ଚ ଜନକାତ୍ମଜା, ପୁରତୋ ମାରୁତିଃ ଯସ୍ୟ ତଂ ବନ୍ଦେ ରଘୁନନ୍ଦନମ୍ ।।’ ସେହି ଦୃଷ୍ଟିରୁ ବିଚାର କଲେ ଆମେ ଦେଖୁ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କଲାବେଳେ ପୂର୍ବଦ୍ୱାର ବା ସିଂହଦ୍ୱାର ପାଖରେ ବାମ ପାଖରେ ‘ଫତେ ହନୁମାନ’ ବିରାଜମାନ କରିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଯଦି ହନୁମାନ ଜଗନ୍ନାଥ ମହାପ୍ରଭୁଙ୍କୁ ଭଗବାନ ରାମ ରୂପରେ ସ୍ୱୀକାର କରି ନଥାନ୍ତେ, ତାହାହେଲେ ସେ କଦାପି ଶ୍ରୀମନ୍ଦିରର ପୁରୋଭାଗରେ ଉପବେଶନ କରି ନଥାନ୍ତେ । କେବ ସେତିକି ନୁହେଁ, ହନୁମାନ ଶ୍ରୀମନ୍ଦିରର ଚାରି ଦିଗରୁ ଚାରି ଦୁଆରରେ ମଧ ବିରାଜମାନ କରିଛନ୍ତି । ପୂର୍ବ ଦ୍ୱାର ବ୍ୟତୀତ ପଶ୍ଚିମ ଦ୍ୱାର ପାଖରେ ବୀର ହନୁମାନ, ଉତ୍ତର ଦୁଆର ପାଖରେ ତପସ୍ୱୀ ହନୁମାନ ଓ ଦକ୍ଷିଣ ଦୁଆର ପାଖରେ ବାର ଭାଇଆ ହନୁମାନ ବିଦ୍ୟମାନ । ସତେ ଯେପରି ମହାବୀର ହନୁମାନ ଚତୁର୍ଦ୍ଦିଗରୁ ନିଜର ଇଷ୍ଟ ଜଗନ୍ନାଥ ମହାପ୍ରଭୁଙ୍କୁ ସତର୍କ ପ୍ରହରୀ ରୂପରେ ଜଗି ବସିଛନ୍ତି । ଭକ୍ତ କେଉଁ ଦୁଆର ବାଟେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଗଲେ ସୁଦ୍ଧା ସେ ପ୍ରଥମେ ହନୁମାନଙ୍କ ଦର୍ଶନ ନକରି ଯାଇପାରିବ ନାହିଁ । ହନୁମାନ ହେଉଛନ୍ତି ଜଗନ୍ନାଥଙ୍କର ଦ୍ୱାରପାଳ ।

ମହୋଦଧିର ଉତ୍ତାଳ ତରଙ୍ଗମାଳା ଓ ତଜ୍ଜନିତ ଭୀଷଣ ଗର୍ଜନ ପୁରୀ ସହରର କୋଣେ କୋଣେ ଶବ୍ଦାୟିତ ହୁଏ । ଏହି ଭୟଙ୍କର ଶବ୍ଦ ମଧ ଶ୍ରୀମନ୍ଦିର ମଧରେ ପ୍ରବେଶ କରି ଭକ୍ତମାନଙ୍କୁ ନିରୋଳାରେ ନିଃଶବ୍ଦରେ ସାଧନ – ଭଜନ କରିବାରେ ବାଧା ସୃଷ୍ଟି କରୁଥିଲା । ତେଣୁ ଭକ୍ତମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଏ ସମ୍ପର୍କରେ ପ୍ରାର୍ଥନା କଲେ । ତଦନ୍ତେ ଭଗବାନ ହନୁମାନଙ୍କୁ ଏହାର ପ୍ରତିକାର କରିବାକୁ ଆଦେଶ ଦେଲେ । ସେହି ଅନୁସାରେ ମହାବୀର ହନୁମାନ ବିଶାଳ ବିରାଟକାୟ ରୂପ ଧରି ଶ୍ରୀମନ୍ଦିରର ଦକ୍ଷିଣ ଦୁଆର ପାଖରେ ଦଣ୍ଡାୟମାନ ହୋଇ ସମୁଦ୍ରର ଗର୍ଜନକୁ ରୋକିଦେଲେ । ସେହି ଦିନଠାରୁ ସମୁଦ୍ରର ଗର୍ଜନ ଆଉ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରେ ନାହିଁ । ଏହି ଘଟଣାରେ କୌଣସି ଆଳଙ୍କାରିତା ନାହିଁ । ଏହା ପ୍ରତ୍ୟକ୍ଷ ଯେତେ ଝଡ଼, ଝଞ୍ଜା, ବତାସ ହେଲେ ସୁଦ୍ଧା ସମୁଦ୍ରର ଗର୍ଜନ କେଭେ ବି ମନ୍ଦିରକୁ ଶୁଣାଯାଏ ନାହିଁ । ଏହି ବିଶାଳ ହନୁମାନଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୮ଫୁଟ । ଏହାକୁ କାନପାତା ହନୁମାନ ବା ଶବ୍ଦଭେଦୀ ହନୁମାନ କୁହାଯାଏ । ସେ ମନ୍ଦିରର ଦକ୍ଷିଣ ଦୁଆରର ବାହାର ପଟେ ଠିଆ ହୋଇଛନ୍ତି ।

ଷୋଡ଼ଶ ଶତାବ୍ଦୀରେ ଗୋଟିଏ ଅଦ୍ଭୁତ ଘଟଣା ଘଟିଥିଲା । ସେ ବର୍ଷ ଭୀଷଣ ତୋଫାନ ହେବାରୁ ଶ୍ରୀମନ୍ଦିରର ନୀଳଚକ୍ର ତେଢ଼ା ହୋଇ ବଙ୍କା ହୋଇଗଲା । ତାକୁ ସିଧା କରିବାକୁ ବହୁତ ଚେଷ୍ଟା କରାଗଲା । ବିଭିନ୍ନ ଆଡ଼ୁ ଅନେକ ବିନ୍ଧାଣୀ, ମିସ୍ତ୍ରୀ ଓ ଇଞ୍ଜିନିଅରମାନେ ଆସି ବହୁତ ପ୍ରଚେଷ୍ଟା କଲେ ବି କେହି କୃତକାର୍ଯ୍ୟ ହୋଇପାରିଲେ ନାହିଁ । ଶ୍ରୀମନ୍ଦିର ହେଉଛି ଓଡ଼ିଶାର ସଂସ୍କୃତିର ନିଶାଣ । ତାର ନୀଳଚକ୍ର ଯଦି ସବୁଦିନ ପାଇଁ ବଙ୍କା ହୋଇ ରହେ, ତାହେଲେ ଏହା ଦେଶ ତଥା ଜାତି ପ୍ରତି ଗୋଟିଏ ଅଶୁଭ ସୂଚନା ବୋଲି ସମସ୍ତେ ମନରେ ଆଶଙ୍କା ଆଣିଲେ । ତେଣୁ ପୁରୀର ବାସିନ୍ଦା, ପଣ୍ଡା, ପଡ଼ିଆରୀ, ଭକ୍ତଗଣ ସମସ୍ତେ ମିଶି ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ସେହି ସମୟରେ ଶ୍ରୀ ସନ୍ଥ ଦାସ ନାମରେ ଜଣେ ହନୁମାନ ସାଧକ ପୁରୀରେ ରହୁଥିଲେ । ସେ ଏ ଖବର ପାଇ ଆସି ସମସ୍ତଙ୍କୁ କହିଲେ, ‘ତୁମ୍ଭେମାନେ ସମସ୍ତେ ହନୁମାନଙ୍କୁ ପ୍ରାର୍ଥନା କର । ସେ ହେଉଛନ୍ତି ଶ୍ରୀମନ୍ଦିରର ରକ୍ଷକ । ସେ ନିଶ୍ଚୟ ଏହାର ପ୍ରତିକାର କରିବେ ।’ ତାଙ୍କ କଥାନୁସାରେ ସମସ୍ତେ ମିଳି ମିଶି ହନୁମାନଙ୍କୁ ପ୍ରାର୍ଥନା କଲେ । ହନୁମାନଙ୍କ ପାଖରେ ଅଖଣ୍ଡ ଦୀପ ଜାଳିଲେ । ଦିନେ ଦେଖାଗଲା ହଠାତ ଏକ ବିଶାଳକାୟ ଭୟଙ୍କର ରୂପଧାରୀ ବିରାଟ ହନୁମାନ କୁଆଡ଼ୁ ଆସି ଶୂନେ ଶୂନେ ଯାଇ ମନ୍ଦିରର ଦଧିନଉତି ଉପରେ ବସି ହାତରେ ଭିଡ଼ି ନୀଳଚକ୍ରକୁ ସିଧା କରିଦେଲା । ତାପରେ ସେ ଗୋଟିଏ ବିରାଟ ଗର୍ଜନ କରି ପୁଣି କେଉଁଆଡ଼େ ଚାଲିଗଲା, କେହି ଦେଖି ପାରିଲେ ନାହିଁ । ଏହି ଘଟଣା ପରେ ସମସ୍ତେ ମହାତ୍ମା ସନ୍ଥ ଦାସଙ୍କର ବହୁତ ପ୍ରଶଂସା କଲେ ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ମହାବୀର କେବଳ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ନିରାପତ୍ତା ଦାୟିତ୍ୱରେ ନଥାନ୍ତି । ସେ ମଧ ମନ୍ଦିରକୁ ବାହ୍ୟ ଉପଦ୍ରବରୁ ରକ୍ଷା କରନ୍ତି । ଏହା ବ୍ୟତୀତ ହନୁମାନ ମଧ୍ୟ ବିରାଟ ପୁରୁଷୋତ୍ତମ ଧାମର ରକ୍ଷକ । ପୁରୀର ପୂର୍ବ ଦିଗରେ ଚକ୍ରତୀର୍ଥ ପାଖରେ ଦରିଆ ବେଢ଼ି ହନୁମାନ ବିଦ୍ୟମାନ । କଥିତ ଅଛି ସମୁଦ୍ରର ଉତ୍ତାଳ ଜଳରାଶି ପୁରୀ ସହର ମଧରେ ପ୍ରବେଶ କରି ଜନବସତି ଓ ବାସିନ୍ଦାମାନଙ୍କର ବହୁତ କ୍ଷତି ସାଧନ କରୁଥିଲା । ବେଳେବେଳେ ତାଙ୍କର ସର୍ବସ୍ୱ ସମୁଦ୍ର ହରଣ କରି ନେଉଥିଲା । ଘର ଦୁଆର ଭାଙ୍ଗି ପକାଉଥିଲା । ତେଣୁ ସମୁଦ୍ରର ଅତ୍ୟାଚାରରେ ଅତିଷ୍ଠ ହୋଇ ସେମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଗୁହାରୀ କଲେ । ସେମାନଙ୍କର କରୁଣ ପ୍ରାର୍ଥନା ଶୁଣି ଜଗନ୍ନାଥ ହନୁମାନଙ୍କୁ ଏ ଦାୟିତ୍ୱ ଅର୍ପଣ କଲେ । ଜଗନ୍ନାଥଙ୍କ ଆଦେଶରେ ହନୁମାନ ଚକ୍ରତୀର୍ଥ କ୍ଷେତ୍ରରେ ଠିଆ ହୋଇ ରହିବାରୁ ସମୁଦ୍ର ଡରିଯାଇ ଆଉ ପୁରୀ ସହର ଭିତରକୁ ପ୍ରବେଶ କରେ ନାହିଁ । ବେଳେବେଳେ ହନୁମାନ ନିଜର ଇଷ୍ଟ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଚକ୍ରତୀର୍ଥ କ୍ଷେତ୍ର ଛାଡ଼ି ସିଂହଦ୍ୱାର ଆଡ଼କୁ ଆସିଲାବେଳେ ତାଙ୍କର ହନୁମାନଙ୍କର ଅନୁପସ୍ଥିତିର ସୁଯୋଗ ନେଇ ସମୁଦ୍ର ପୁଣି ବାଙ୍କି ମୁହାଣ ଦେଇ ସହର ଭିତରକୁ ମାଡ଼ି ଆସେ ଓ ଧନଜୀବନ କ୍ଷତି କରେ । ସେଉଠୁ ବାସିନ୍ଦାମାନେ ପୁଣି ଆସି ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ, ଏହି ପ୍ରାଦୁର୍ଭାବର ସ୍ଥାୟୀ ପ୍ରତିକାର କରିବା ପାଇଁ । ଭଗବାନ ତାଙ୍କର କରୁଣ ଆବେଦନରେ ତରଳି ଯାଇ କହିଲେ, ତୁମ୍ଭେମାନେ ମିଶି ହନୁମାନଙ୍କୁ ସେଇଠି ବାନ୍ଧି ପକାଅ । ଯେମିତି ସେ ଆଉ ସେଠାରୁ ପଳାଇ ଆସି ପାରିବ ନାହିଁ । ତଦନୁସାରେ ବାସିନ୍ଦାମାନେ ହନୁମାନଙ୍କୁ ବେଢ଼ି ପକାଇ ସେହିଠାରେ ବାନ୍ଧି ପକାଇଲେ । ଅବଶ୍ୟ ଅତୁଳିତ ବଳଶାଳୀ ଭୂଧରାକାର ହନୁମାନଙ୍କ ପକ୍ଷରେ ଏହି ଶୃଙ୍ଖଳକୁ ଛିଣ୍ଡେଇ ଦେବା କଷ୍ଟସାଧ ନୁହେଁ । କିନ୍ତୁ ସେହି ଶୃଙ୍ଖଳରେ ରାମ ଓ ଜଗନ୍ନାଥଙ୍କ ନାମ ଲେଖା ଯାଇଥିବାରୁ ହନୁମାନ ସେ ଶୃଙ୍ଖଳକୁ ଛିନ୍ନ ନକରି ସେହିଠାରେ ଠିଆ ହୋଇ ରହିଲେ । ସେହି ଦିନଠାରୁ ସମୁଦ୍ର ଆଉ ତାର ସୀମା ଲଙ୍ଘନ କରି ସହର ମଧକୁ ପ୍ରବେଶ କରିପାରେ ନାହିଁ । ତେଣୁ ତାଙ୍କୁ ବେଢ଼ି ହନୁମାନ କହନ୍ତି ।

ପୁରୁଷୋତ୍ତମ କ୍ଷେତ୍ରର ଉତ୍ତର ଦିଗରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପାଖରେ ସିଦ୍ଧ ମହାବୀର ବିଦ୍ୟମାନ । ଇନ୍ଦ୍ରନୀଳମଣି ପୁରାଣ ଅନୁସାରେ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଏହି କ୍ଷେତ୍ରକୁ ଦର୍ଶନ କରିବାକୁ ଆସିଥିଲେ ତାଙ୍କର ଶରୀର ରୋଗଗ୍ରସ୍ତ ହୋଇ କ୍ଷୀଣ ହୋଇଗଲା । ସେ ଏତେ ଦୁର୍ବଳ ହୋଇଗଲେ ଯେ ନିଜ ଜୀବନର ଆଶା ଛାଡ଼ିଦେଲେ । ଏହି ସମୟରେ ଏକ ଉଜ୍ଜ୍ୱଳ ପ୍ରକାଶ ତାଙ୍କ ସମ୍ମୁଖରେ ଦେଖାଗଲା । ସେଠାରେ ହନୁମାନ ଆବିର୍ଭାବ ହୋଇ କହିଲେ – ମୁଁ ଯୁଗେ ଯୁଗେ ଏହି କ୍ଷେତ୍ରକୁ ରକ୍ଷା କରୁ ଆସୁଛି । ତୁମେ ଏହି କ୍ଷେତ୍ରରେ ଏକ ହଜାର ହାତ ଉଚ୍ଚ ଗୋଟିଏ ମନ୍ଦିର ନିର୍ମାଣ କରି ସେଠାରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କର । ତାଙ୍କର ବାଣୀ ଶୁଣି ମହାରାଜ ସେଠାରେ ମନ୍ଦିର ନିର୍ମାଣ କଲେ । ଏହି ସିଦ୍ଧ ମହାବୀର ଭାରି ପ୍ରତ୍ୟକ୍ଷ ଓ ଏହା ଗୋଟିଏ ସିଦ୍ଧପୀଠ ।

ପୁରୀର ଚନ୍ଦନପୁର ଠାରୁ ପ୍ରାୟ ୧୦ ମାଇଲ ଦୂରରେ ସିରୁଳୀ ମହାବୀର ବିରାଜମାନ କରିଛନ୍ତି । ଏହି ମହାବୀର ସ୍ୱୟଂଭୁ ଓ ମାଟିକୁ ବିଦୀର୍ଣ୍ଣ କରି ବାହାରିଛନ୍ତି ବୋଲି ପ୍ରବାଦ ଅଛି । ତାଙ୍କର ଉଚ୍ଚତା ପ୍ରାୟ ୧୦ଫୁଟ । ସେ ଗୋଟିଏ ଅସୁରକୁ ମାଡ଼ି ବସିଛନ୍ତି । ଏହି ମନ୍ଦିରର ବୈଶିଷ୍ଟ୍ୟ ହେଉଛି ମନ୍ଦିରସ୍ଥ ଗୋଟିଏ କଣା (ଝରକା ପରି) ଦେଇ ହନୁମାନ ଶ୍ରୀମନ୍ଦିର ନୀଳଚକ୍ରକୁ ଗୋଟିଏ ଆଖିରେ ବରାବର ଦୃଷ୍ଟି ରଖିଥାନ୍ତି । ହନୁମାନ ତାଙ୍କର ଆଗ ଆଖିରେ ଦକ୍ଷିଣ ଦିଗରେ ଥିବା ଲଙ୍କା ଉପରେ ଦୃଷ୍ଟି ନିବଦ୍ଧ କରିଥାନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି, ହନୁମାନ ସେଇଠି ଠିଆ ହୋଇ ମନ୍ଦିରଙ୍କୁ ଅସୁରମାନଙ୍କର ବହି ଆକ୍ରମଣରୁ ରକ୍ଷା କରନ୍ତି ଓ ତା ସଙ୍ଗେ ସଙ୍ଗେ ମଧ ଶ୍ରୀମନ୍ଦିରକୁ ଆଭ୍ୟନ୍ତରୀଣ ବିପଦ ଆପଦରୁ ରକ୍ଷା କରନ୍ତି । ଏହିସବୁ ଘଟଣାବଳୀରୁ ସ୍ପଷ୍ଟ ପ୍ରମାଣ ମିଳେ ନୀଳାଦ୍ରିବିହାରୀ ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସ୍ୱୟଂ ଭଗବାନ ରାମଚନ୍ଦ୍ର । ସେଥିପାଇଁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହନୁମାନ ତାଙ୍କର ଇଷ୍ଟର ରକ୍ଷଣା ବେକ୍ଷଣ କରିବା ପାଇଁ କେବଳ ଶ୍ରୀମନ୍ଦିର ଚାରିପାଖରେ ନୁହେଁ, ବରଂ ସମଗ୍ର ପୁରୁଷୋତ୍ତମ କ୍ଷେତ୍ରକୁ ଚତୁର୍ଦ୍ଦିଗରୁ ସତର୍କ ପ୍ରହରୀ ରୂପରେ ଦିବରାତି ସେବା କରିଆସୁଛନ୍ତି । ମହାତ୍ମାମାନେ କହନ୍ତି ସେବକ ଧର୍ମ ବଡ଼ କଠୋର । କିନ୍ତୁ ହନୁମାନଙ୍କ ଭଳି ନିଷ୍ଠାବାନ ଐକାନ୍ତିକ ଭକ୍ତ ହିଁ ଏହି ଦୁଷ୍କର କଠିନ ତଥା କଠୋର ବ୍ରତକୁ ଯୁଗ ଯୁଗ ଧରି ଅକୁଣ୍ଠ ଚିତ୍ତରେ ନିଃସଙ୍କୋଚ ଭାବରେ ଆନନ୍ଦ ମନରେ ସମ୍ପାଦନ କରୁଛନ୍ତି । କାରଣ ଇଷ୍ଟ ସେବା ହିଁ ଭକ୍ତର ଜୀବନରେ ପରମ ତଥା ଏକମାତ୍ର ବ୍ରତ ।


ଶିଖରପୁର ଉପରସାହି, କଟକ

ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


## ଡାକ୍ତର ଫ୍ୟାକ୍ଟ୍ରି

**॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥**

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ । ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ । ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ । ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ) । କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା ‘ନିଟ୍’ ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି ।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ । ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା’ଠାରୁ ଅଧିକ ହୋଇଥାଏ । ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ । ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ । ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର । ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର । ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି । ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି । ଓଡ଼ିଶାରେ ମଧ ସମାନ ଅବସ୍ଥା । ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ । ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି । ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି । ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି । ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି । ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା । ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି । ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ । ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି । ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି । ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧରେ ଖର୍ଚ୍ଚ ହୁଏ । ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ । ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ । ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ । ଏଥିପାଇଁ ସେମାନଙ୍କୁ ଏମ୍‌ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ । ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ । ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ । ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି । ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି । ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ । ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ । କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି ।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ । ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା । ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି । ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ ।


ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର


## ଚାରି ପ୍ରକାରର ଜୀବନ

**॥ ଶ୍ୟାମ ସୁନ୍ଦର ସାମଲ॥**

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, ‘ବହୁଜନ ହିତାୟ ବହୁଜନ ସୁଖାୟ’କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ । ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା’ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ ।

ପ୍ରେମ ହିଁ ଈଶ୍ୱର । ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ । ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି । ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ । ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି । ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି । ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ । ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ । ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି । ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ । ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି । ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ । ପ୍ରେମ ବିନା କେହି ରହିପାରିବେ ନାହିଁ । ପଶୁ ଓ ପକ୍ଷୀମାନଙ୍କର ମଧ ପ୍ରେମ ଅଛି । ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ । ସେ ବାଛୁରୀକୁ ସଫାକରି ଦିଏ । ନିର୍ମଳତା ହିଁ ଦିବ୍ୟତ୍ୱ । ନିର୍ମଳତା ବିକଶିତ ହେବା ଉଚିତ । ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ । କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି । ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ । ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ । ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ । ବୈଦିକ ଉପଦେଶ ହେଉଛି ‘ସତ୍ୟଂ ବଦ, ଧର୍ମଂ ଚର ।’ ସତ କହିବା ସହଜ । ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ । ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ । ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର । ପ୍ରେମର ବିକାଶ କର । ପ୍ରେମ ହିଁ ଈଶ୍ୱର । ପ୍ରେମରେ ବାସକର ।


ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୭୬୩୫୯୨୬

## ବାସୁଦେବପୁରରେ ଚୋରି, ଲୁଟ, ଅପହରଣ ଚରମ ସୀମାରେ

**ବାସୁଦେବପୁର,(ମହାଭାରତ) :** ସମାଜ ରେ ଯଦି ଅପରାଧ କୁ ନିୟନ୍ତ୍ରଣ କରିବା ସମ୍ଭବ ହୁଏ ତାହେଲେ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପଡିବ ପୋଲିସ ବିଭାଗ କ୍ଷ ମନ୍ତ୍ରୀ ଠାରୁ ଆରମ୍ଭ କରି ଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତ ଙ୍କ ସୁରକ୍ଷା ର ଦାୟିତ୍ୱ ଥାଏ ଏହି ବିଭାଗ ଉପରେ । ସାଧାରଣ ଜନତାଟିଏ ଅସୁବିଧା ହେଲେ ନ୍ୟାୟ ପାଇଁ ଧାଇଁ ଯାଇଥାଏ ଥାନା କୁ ବିଶ୍ୱାସ ଥାଏ ପୋଲିସ ହିଁ ନ୍ୟାୟ ଦେଇପାରିବ । ହେଲେ ଅନେକ ଲାଞ୍ଚୁଆ ଓ ଅପରାଗ କର୍ମଚାରୀ ଙ୍କ ପାଇଁ ଏହି ବିଭାଗ ଟି ବଦନାମ ର ଶୀର୍ଷ ରେ ପହଁଚିଛି । ଏମିତି ଏବେ ବାସୁଦେବପୁର ଥାନା ଟି ବିଗତ କିଛି ଦିନ ରେ କିଛି ଘଟଣା କୁ ଦେଖିଲେ ଅନୁଭବ ହେଉଛି । ଥାନା ର ପାଖାପାଖି ଅଂଚଳ ଗୁଡିକ ରେ ଯେଉଁଭଳି ଭାବରେ ଚୋରି, ଲୁଟ ଅପହରଣ ଓ ହତ୍ୟା ଭଳି ଘଟଣା ଘଟୁଛି ବାସୁଦେବପୁର ପୋଲିସ ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗତ ଗୁରୁବାର ରାତିରେ ଥାନା ଠାରୁ ଦୁଇ କିମି ଦୂରରେ ବାସୁଦେବପୁର -ଇଚ୍ଛାପୁର ମୁଖ୍ୟ ରାସ୍ତା କଡ଼ରେ ଗୋଟେ ମହିଳାଙ୍କ ଘରୁ ଦୁର୍ବୃତ୍ତ ଚୋରି ସହିତ ଗଳକାଟୀ ହତ୍ୟା କରିବା ପୋଲିସ କୁ ଖୋଲା ଚାଲେଞ୍ଜ ଭଳି ଲାଗୁଚି । ଗତ ମେ ମାସ ଦଶ ତାରିଖ ରିଙ୍କୁ ଶର୍ମାଙ୍କ ଅଭିଯୋଗ ଅନୁଯାଇ ତାଙ୍କ ନାବାଳିକା ଝିଅ ଅପହରଣ ଅଭିଯୋଗ ହୋଇଥଲେ ମଧ ପୋଲିସ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ମନେ ହେଉଛି । ସରକାର ଅତ୍ୟାଧୁନିକ ଟ୍ରାକିଙ୍ଗ ବ୍ୟବସ୍ଥା ଯୋଗାଇ ଦେଉଥିବା ବେଳେ ତାହା ଉପଯୋଗ ହେଉଥିବା ଭଳି ମନେ ହେଉନାହିଁ । ବଜାର ମଝିରେ ବିଗତ ଦିନ ମାନଙ୍କ ରେ ବାଇକ ଚୋରି ଓ ଛିନତାଇ ଭଳି ଘଟଣା କୁ ଦେଖିଲେ ପୋଲିସ ର ସାଲିସ ପଣିଆ ବାରି ହେଇପଡୁଛି । ଥାନା ର ପଖା ପାଖି ଅଂଚଳ ରେ ଯେଉଁଭଳି ଅପରାଧିକ ଘଟଣା ଦିନ କୁ ବୃଦ୍ଧି ପାଉଛି, ତାହା ପୋଲିସ ର ଦକ୍ଷତା କୁ ନେଇ ପ୍ରଶ୍ନ ଉଠୁଛି । ଥାନା ପରିସରରେ sdpo ଙ୍କ କାର୍ଯ୍ୟାଳୟ ଥିବାରୁ ଆଇନ ଶୃଙ୍ଖଳା ଦୃଷ୍ଟି କୋଣରୁ ଲୋକ ଙ୍କୁ ସୁବିଧା ମିଳିବ ବୋଲି ଆଶା କରାଯାଉ ଥିବା ବେଳେ ଏବେ ଦିନ କୁ ଦିନ ଅପରାଧୀଙ୍କ ଅପରାଧ ବୃଦ୍ଧି ପାଉଛି । ବଜାର ମଧରେ ଚୋରା ମଦ ବିକ୍ରି, କୋଇଲା ଚୋରା ଚାଲାଣ, ଗୋ ଚାଲାଣ ଭଳି କାର୍ଯ୍ୟ ଦେଖି ସ୍ଥାନୀୟ ବୁଦ୍ଧି ଜୀବି ଉଭୟ sdpo ଓ ଥାନା ଅଧିକାରୀଙ୍କ ଭୂମିକା ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## ପଥର ବୋଝେଇ ଟ୍ରାକ୍ଟରକୁ ମାଡି ବସିଲା ପ୍ରଶାସନ



**କପ୍ତିପଦା,(ମହାଭାରତ) :** କପ୍ତିପଦା -ବେଆଇନ ଭାବେ ହେଉଥିଲା ପଥର ଚୋରା ଚାଲାଣ। ଖବର ପାଇ ରାସ୍ତାରେ ମାଡି ବସିଲା ପ୍ରଶାସନ ଆଉ ଦୁଇ ଗୋଟି ଚୋରା ପଥର ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଗତକାଲି ରାତି ସମୟରେ କପ୍ତିପଦା ଥାନା ଜଡିଦା ଅଞ୍ଚଳ ରୁ ବେଆଇନ ପଥର ଚାଲାଣ ହେଉଥିବା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନିକଟରେ ଖବର ପହଞ୍ଚିଥିଲା। ଖବର ପାଇ ଉପଜିଲ୍ଲାପାଳ ନିଜେ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିବା ବେଳେ ଜାମବଣି ଛକ ନିକଟରୁ ଦୁଇ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଉକ୍ତ ଦୁଇ ଟ୍ରାକ୍ଟରରେ ଚୋରା ପଥର ବୋଝେଇ ହୋଇ କପ୍ତିପଦା ଅଭିମୁଖେ ଆସୁଥିବା ବେଳେ ଦୁଇ ଗାଡି କୁ ଜବତ କରି ଉପଜିଲ୍ଲାପାଳ ତହସିଲ କୁ ହସ୍ତାନ୍ତର କରିଛନ୍ତି। ତହସିଲ ପକ୍ଷରୁ ଦୁଇ ଟ୍ରାକ୍ଟର କୁ ଥାନାରେ ଜିମା ଦିଆ ଯାଇଥିବା ବେଳେ ଦୁଇ ଟ୍ରାକ୍ଟରରେ ଚୋରା ପଥର କପ୍ତିପଦା ଏବଂ ବାଲେଶ୍ୱର ଜିଲ୍ଲା ଅଞ୍ଚଳକୁ ଚାଲାଣ ହେଉଥିବା କୁହାଯାଉଛି। ପୋଲିସ ଦୁଇ ଗାଡି କୁ ଜବତ କରି ତଦନ୍ତ ଆରମ୍ଭ କରିଛି, ତତସହିତ କେଉଁଠାରୁ ଏହି ପଥର ଅଣା ଯାଇଥିଲା ଏବଂ କେଉଁଠିକି ଯାଉଥିଲା ତାହାର ଖୋଳତାଡ଼ କରୁଛି ପୋଲିସ।

## ଜଟଣୀର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ଜଟଣୀ,(ମହାଭାରତ) :** ଆନ୍ତର୍ଜାତୀୟ ଯୋଗ ଦିବସ ଓ ଏହି ଅବସରରେ ଜଟଣୀ ବଡ଼ତୋଟା ଠାରେ ଥିବା ସେକଣ୍ଡ ବାଟାଲିୟନ ବିଏସଏଫ କ୍ୟାମ୍ପ ପରିସରରେ ଯୋଗ ଦିବସ ପାଳନ ହୋଇଯାଇଛି ଓ ପ୍ରତିଦିନ ଯୋଗ କରିବା ଦ୍ୱାରା ମନୁଷ୍ୟ ସୁସ୍ଥ ରହିଥାଏ ଏବଂ ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହା ଦ୍ୱାରା ମନୁଷ୍ୟ ସୁସ୍ଥ ରହିବ ବୋଲି ବିଏସଏଫ ଆଇ. ଜି ଶ୍ରୀ କୈଳାସ ଚନ୍ଦ୍ର ଜାଟ୍ କହିଛନ୍ତି ଓ ଠିକ୍ ସେହିପରି ଭାବେ ଜଟଣୀ ମୁନିସିପାଲିଟି ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି ଓଯୋଗ ହେଉଛି ଏକମାତ୍ର ମାଧ୍ୟମ ଯାହା ଦ୍ୱାରା ମନିଷ ଶାରୀରିକ ଓ ମାନସିକ କ୍ଷେତ୍ରରେରେ ସୁସ୍ଥ ରହିଥାଏ ଓ ପ୍ରତ୍ୟେକ ଦିନ ଯୋଗର ଆବଶ୍ୟକତା ମଣିଷ ଜିବନରେ ଅଛି ଓ ଯଦି ଆମେ ନିୟମିତ ଭାବେ ଯୋଗ କରିବା ତାହାଲେ ଆମେ ବିଭିନ୍ନ ରୋଗରୁ ମୁକ୍ତି ପାଇବା ବୋଲି ଜଟଣୀ ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଷୀ କହିଛନ୍ତି ଓଅନ୍ୟ ପକ୍ଷରେ ପଞ୍ଚାୟତ ସମିତି ଜଟଣୀ କାର୍ଯ୍ୟାଳୟ ପକ୍ଷରୁ 'ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମରେ' ଅନ୍ତର୍ଜାତୀୟ ଯୋଗ ଦିବସ ସକାଳ ୦୬ ରୁ ୦୮ ଘଟିକା ମଧରେ ପାଳନ କରାଯାଇଥିଲା । ଉକ୍ତ ଦିବସରେ ଅଧକ୍ଷା ଶ୍ରୀମତୀ ଜୟନ୍ତୀ ଛୋଟରାୟ, ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀମତୀ ରଶ୍ମିତା ନାଥ ଙ୍କ ସମେତ ସମସ୍ତ ପଞ୍ଚାୟତ ସମିତି କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଯୋଗ କିପରି ମାନସିକ ଶାନ୍ତି ପ୍ରଦାନ ସହ ସକାରାତ୍ମକ ଚିନ୍ତାଧାରା ପ୍ରଦାନ କରିଥାଏ ଏବଂ ସୁସ୍ଥ ଓ ସନ୍ତୁଳିତ ଜୀବନ ଶୈଳୀକୁ ପ୍ରୋତ୍ସାହିତ କରିଥାଏ ସେ ବିଷୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଆଲୋଚନା କରିଥିଲେ । ଏତଦ୍ ବ୍ୟତୀତ ଯୋଗର ବିଭିନ୍ନ ଉପାଦେୟତା ଉପରେ ମଧ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପ୍ରାର୍ଥନା, ଯୋଗାସନ ଓ ଶାନ୍ତି ମନ୍ତ୍ର ପଠନ କରାଯାଇଥିଲା ଓଯୋଗକୁ ଦୈନନ୍ଦିନ ଜୀବନରେ ଗ୍ରହଣ କରିବାକୁ ସମସ୍ତେ ପ୍ରତିଜ୍ଞା କରିଥିଲେ ।ସର୍ବ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

**କରଞ୍ଜିଆ,(ମହାଭାରତ) :** ସାତକୋଶିଆ ରେଞ୍ଜ ମହୁଲଡ଼ିହା ଗ୍ରାମପଞ୍ଚାୟତ ଗୌଡିଆବାହାଳି ଗ୍ରାମରେ ଶୁକ୍ରବାର ସକାଳେ ଭାଲୁ ଆକ୍ରମଣ ରେ ଜଣେ ମହିଳା ଗୁରୁତର ହୋଇଛନ୍ତି ।ଘଟଣାସ୍ଥଳରୁ ପରିବାର ଲୋକେ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଡାକ୍ତର ସ୍ଥାନାନ୍ତର କରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ଆଶ୍ରିବାଦ ମହାନ୍ତ ଙ୍କ ସ୍ତ୍ରୀ ବୁଧୁନି (୬୬) ସକଳେ ଶୌଚ ହେବା ପାଇଁ ଗ୍ରାମନିକଟ ଜଙ୍ଗଲ କୁ ଯାଇଥିବା ସମୟରେ ଭାଲୁ ସମ୍ମୁଖରେ ପଡି ଯାଇଥିଲେ ।ବୁଧୁନି କୁ ଭାଲୁ ଆକ୍ରମଣ କରି ତାଙ୍କ ଡାହାଣ ହାତକୁ କାମୁଡି ଭାଙ୍ଗି ଦେଇଥିଲା ।ଭାଲୁ ଆକ୍ରମଣ ସମୟରେ ପାଖରେ ଥିବା ଲୋକେ ପାଟି କରିବାରୁ ଭାଲୁ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲା।



## ସେଣ୍ଟ ଜାଭିୟର୍ସ ହାଇସ୍କୁଲର କୁନି ପିଲାଙ୍କୁ ଯୋଗ ପ୍ରଶିକ୍ଷଣ



**ହାଟଡିହି,(ମହାଭାରତ) :** ସେଣ୍ଟ ଜାଭିୟର୍ସ ହାଇସ୍କୁଲ ରେ କୁନି କୁନି ପିଲା ମାନଙ୍କୁ ବିଦ୍ୟାଳୟ ର ଅଧକ୍ଷ ଇଂ ଉଦୟ ନାଥ କର ଙ୍କ ଯୋଗ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଗୁରୁଜୀ ଗୁରୁମା ମାନେ ପିଲା ମାନଙ୍କୁ ହସ, ପଦ୍ମାଶନ, ବ୍ୟାୟମ, ପ୍ରାଣୟମ, ସୂର୍ଯ୍ୟ ନମସ୍କାର ଶିଖାଇ ଥିଲେ । ପ୍ରତିଦିନ ଯେପରି ଏହାକୁ ଘରେ ପାଳନ କରିବା ସହ ଶନିବାର ଦିନ ବିଦ୍ୟାଳୟରେ ଅଭ୍ୟାସ କରାଯିବ। ଏହା ଛଡ଼ା ଆଗାମୀ ଯୋଗ ଦିବସ ରେ ଯେଉଁ ପିଲା ମାନେ ଭଲ ଯୋଗ କରୁଥିବେ ସେମାନଙ୍କୁ ପୁରସ୍କୃତ କରାଯିବା ସହ ଆଗାମୀ ବର୍ଷ ରେ ପିଲାମାନଙ୍କ ର ମାତା ପିତା ଙ୍କୁ ଏହି କାର୍ଯ୍ୟକ୍ରମ ରେ ସାମିଲ କରିବାକୁ ବିଦ୍ୟାଳୟ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ଅନ୍ୟ ଶିକ୍ଷକ ମାନଙ୍କ ମଧ୍ୟରେ ରାଜେଶ ବେହେରା, ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାତ୍ରୀ, ଦୟାନିଧି ଚିନାରା, । ହିମାଂଶୁ ରଞ୍ଜନ ବାରିକ୍, ସଂଗ୍ରାମ କେଶରୀ ପଟ୍ଟନାୟକ, ତନୁଶ୍ରୀ ତନୟା ପହି, ଉର୍ମି ମହାନ୍ତି, ରାଜଶ୍ରୀ ସୁଆର, ଶୁଭଶ୍ରୀ ପଣ୍ଡା, ବିଷ୍ଣୁପ୍ରିୟା ଦାସ, ସତ୍ୟ ଲକ୍ଷ୍ମୀ ଜେନା, ଭଗ୍ୟଶ୍ରି ସାହୁ, ପ୍ରିତିନନ୍ଦା ମଲ୍ଲିକ, ମଞ୍ଜୁଲତା ଖୁଣ୍ଟିଆ, ପ୍ରମିଳା ପାତ୍ର, ମନୋରମା ସେଠୀ, ଉର୍ମିଳା ସେଠୀ ପ୍ରମୁଖ ପୂର୍ଣ୍ଣ ଶାହୋଜଗ କରିବା ଦ୍ୱାରା ଯୋଗ ତାଲିମ୍ ଶିବିର ଟି ସଫଳ ହୋଇ ପାରିଛି।

## ଟାଟା ଷ୍ଟିଲ ଯୋଡା ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ ତରଫରୁ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଯୋଡା ଠାରେ ଶୁକ୍ରବାର ପାଳିତ ହୋଇଯାଇଛି ଓଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ରେ ଏକ ଯୋଗଓଭ୍ୟାସ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା ଓ ଏଥିରେ ଖଣ୍ଡବନ୍ଧ ଖଣି ମୁଖ୍ୟ ଜି ଭି ସତ୍ୟନାରାୟଣ, ଯୋଡା ଏବଂ ଖଣ୍ଡବନ୍ଧ ଖଣି ର ଓ୍ୱେଟ ପ୍ରୋସେସିଂ ମୁଖ୍ୟ ନାରାୟଣ ଶର୍ମାଓ ଙ୍କ ସମେତ କମ୍ପାନୀ ର ପ୍ରାୟ ୫୦ ଜଣ କର୍ମଚାରୀ ଯୋଗ ଦେଇ ଯୋଗ ଅଭ୍ୟାସ କରିଥିଲେ ଓଯୋଗ ପ୍ରଶିକ୍ଷକ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଓଭ୍ୟାସ ସହ ପ୍ରାଣାୟାମ, ଏବଂ ଏହାର ଶରୀର ଉପରେ ଉପକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା ଓ ଦୈନନ୍ଦିନ ବ୍ୟସ୍ତ ବହୁଳ ଜୀବନ ମଧରେ ଯୋଗ ର ଆବଶ୍ୟକତା ସମ୍ପର୍କରେ ମଧ ସମସ୍ତଙ୍କୁ ସଚେତନ କରାଯାଇଥିଲା ଓଯୋଗ ର ବିଭିନ୍ନ ମୁଦ୍ରା ର ଭିନ୍ନ ଭିନ୍ନ ପ୍ରଭାବ ଶରୀର ଉପରେ ପଡୁଥିବାରୁ ଏହା ର ଦୈନନ୍ଦିନ ଅଭ୍ୟାସ ଦ୍ୱାରା କିପରି ନିରୋଗ ରହିହେବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ପରିଶେଷରେ ସମସ୍ତେ ଦୈନିକ ଯୋଗ ଅଭ୍ୟାସ କରି ଏକ ନିରୋଗ ଜୀବନ ଯାପନ କରିବା ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ ।

## ଅନ୍ତର୍ଜାତୀୟ ଯୋଗ ଦିବସ -୨୦୨୪ ପାଳିତ




**ରାୟଗଡ,(ମହାଭାରତ) :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାୟଗଡ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଜିଲ୍ଲାପ୍ରଶାସନ ତରଫରୁ ସ୍ଥାନୀୟ ଅମ୍ବାଗୁଡ଼ କ୍ଷ ଠାରେ ଅବସ୍ଥିତ ବିଜୁ ପଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଶ୍ରୀ ଗୌରୀ ଶଙ୍କର ମାଝୀ ମାନ୍ୟବର ନବରଙ୍ଗପୁର ବିଧାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଓ ଅଂଶଗ୍ରହଂକାରୀଙ୍କୁ ଶପଥ ପାଠ କରାଇଥିଲେ । ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହଜନଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରୋଖୀ ଅଧିକ୍ଷକ ଶ୍ରୀ ହରିଶ ବିସି, ଯୋଗ ଗୁରୁ ଦୀନେଶ ତାହାଙ୍କ ଆଦି ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ମାଝୀ ନିଜର ବକ୍ତବ୍ୟରେ କହିଲେ ଯେ ଯୋଗ ଆମର ପ୍ରାଚୀନ ପରମ୍ପରାର ଏକ ଅମୂଲ୍ୟ ଉପହାର । ଯୋଗ ମନ ଏବଂ ଶରୀରର ଏକତା, ଚିନ୍ତା ଏବଂ କାର୍ଯ୍ୟର ଏକତାକୁ ଧାରଣ କରେ । ଯୋଗ ଏକ ସାମଗ୍ରିକ ଉପାୟ ଯାହା ଆମ ସ୍ୱାସ୍ଥ୍ୟ ଏବଂ ଆମର ମଙ୍ଗଳ ପାଇଁ ମୂଲ୍ୟବାନ ଅଟେ । ଯୋଗ କେବଳ ବ୍ୟାୟାମ ବିଷୟରେ ନୁହେଁ; ଏହା ଆତ୍ମ, ଜଗତ ଏବଂ ସହିତ ଏକତାର ଭାବନା ଆବିଷ୍କାର କରିବାର ଏକ ଉପାୟ । ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଉଛି ଯୋଗ ରୋଗ ପ୍ରତିରୋଧ, ସ୍ୱାସ୍ଥ୍ୟ ପ୍ରୋତ୍ସାହନ ଏବଂ ଅନେକ ଜୀବନ ଶୈଳୀ ସମ୍ବନ୍ଧୀୟ ବ୍ୟାଧି ପରିଚାଳନା ପାଇଁ ଜଣାଶୁଣା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ, ଭାସ୍କର ଚନ୍ଦ୍ର ରଇତ, କ୍ରୀଡା ଅଧିକାରୀ ଶେଖ ଆଲେନୁର, ଅନ୍ୟାନ୍ୟ ଅଧିକାରୀ,ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଦସ୍ୟ ସଦସ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷନୁଷ୍ଠାନର ଛାତ୍ର ଛାତ୍ରୀ, ଜନସାଧାରଣ, ସହିଦ ଲକ୍ଷଣ ନାୟକ ଯୁବକ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ ମିଶି ପ୍ରାୟ ଏକ ହଜାର ଯୋଗ ଦେଇ ଯୋଗ କରିଥିଲେ । ସେହିପରି ରାୟଗଡ ସହରର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି ମନ୍ଦିର ପରିସରରେ ରାୟଗଡ ତହସିଲଦାର ଓ ସହକର୍ମୀ, ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ପୌର ପରିଷଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌରଧକ୍ଷ ପି ମହେଶ ପେଟଟନାୟକ, ପରିଷଦ ବର୍ଗ, ପୌର ନିର୍ବାହୀ ଓ ଜନସାଧାରଣ, ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ଼ଃ ଅର୍ଚନା ପେଟଟନାୟକଙ୍କ ଅଧକ୍ଷତରେ ଛାତ୍ରୀ ଓ କର୍ମଚାରୀ, ସେହିପରି ସ୍ଥାନୀୟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ଅଧକ୍ଷା ବବିଲତା ସରାଫଙ୍କ ଅଧାକ୍ଷତକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠି ଉନ୍ନୟନ ଅଧିକାରୀ, ରାୟଗଡ, ଅମୁଲ୍ୟ ସାହୁ,ପୌର ଉପାଧକ୍ଷା ରାୟଗଡ, ମହାବିଦ୍ୟାଳୟର କର୍ମଚାରୀ, ଛାତ୍ର ଛାତ୍ରୀ ଯୋଗଦାନ କରି ଯୋଗ କରିଥିଲେ । ଏହା ବ୍ୟତୀତ ଜିଲ୍ଲାର ବିଭିନ୍ନ ବ୍ଲକ, ପୌରାଞ୍ଚଳ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କରେ ଯୋଗ କାର୍ଯ୍ୟକ୍ରମ କରିଥିଲେ ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ



**ପାଟଣାଗଡ, (ମହାଭାରତ) :** ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଇଁଷା ରେ ଜାତୀୟ ସେବା ଯୋଜନା ତରଫରୁ ବିଶ୍ୱ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଗୁରୁ ଭାବରେ ଭଇଁଷା ଗାଁର ଶ୍ରୀଯୁକ୍ତ ଭଗବାନ ନାଏକ ଅବସରପ୍ରାପ୍ତ ଶିକ୍ଷକ ଯୋଗ ଦେଇ ମଣିଷର ଦୈନନ୍ଦିନ ଜୀବନରେ ଯୋଗର କେତେ ଆବଶ୍ୟକତା ରହିଛି, ତାହା ସେ ପୁଙ୍ଖାନୁପୁଙ୍ଖ ଭାବରେ ବିବରଣୀ ପ୍ରଦାନ କରିଥିଲେ । ପରେ ଛାତ୍ରଛାତ୍ରୀ ତଥା କର୍ମଚାରୀ ମାନଙ୍କୁ ଅନେକ ଯୋଗାଭ୍ୟାସ କରାଇଥିଲେ ।ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷା ଆଭାମୟୀ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନା ଦାୟିତ୍ୱରେ ଥିବା ଅଧ୍ୟାପକ ସନ୍ତୋଷ କୁମାର ରାଉତ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଠାକୁରମୁଣ୍ଡାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**କରଞ୍ଜିଆ,(ମହାଭାରତ) :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଠାକୁରମୁଣ୍ଡା ଠାରେଯୋଗ ଦିବସ ପାଳିତ ହୋଇ ଯାଇଛି ।ଏହି ଅବସର ରେ ବ୍ଲକ ପ୍ରଶାସନ ପକ୍ଷରୁ ଅୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ରେ ସକାଳ ସମୟରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଆନୁଷ୍ଠାନିକ ଭାବରେ ଯୋଗ ଦିବସ କୁ ଉଦଘାଟନ କରିଥିଲେ ।ଯୋଗ ଦିବସ ରେ ବିଡ଼ିଓ ସପ୍ନେସ୍ୱର ବେହେରା, ତହସିଲଦାର ସୁଶ୍ରୀ ସୁପ୍ରିୟା, ବିଇଓ ରାମଚନ୍ଦ୍ର ନାଏକ,ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇ ଥିଲେ ।ଯୋଗ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ର ସରକାରୀ କର୍ମଚାରୀ, ରାଜନୈତିକ ଦଳ ର କର୍ମକର୍ତ୍ତା,ବିଦ୍ୟାଳୟ ର ଛାତ୍ର ଛାତ୍ରୀ,ଶିକ୍ଷକ, ଶିକ୍ଷୟିତ୍ରୀ,ସାଧାରଣ ଲୋକ ସମେତ ଶତାଧିକ ଯୋଗ କାର୍ଯ୍ୟକ୍ରମ ରେ ସାମିଲ ହୋଇ ଯୋଗ କରିଥିଲେ ।ଯୋଗ କାର୍ଯ୍ୟକ୍ରମ ପରେ ଅୟୋଜିତ କାର୍ଯ୍ୟକ୍ରମ ରେ ଯୋଗ ଶରୀର ପାଇଁ ନୁହେଁ ବରଂ ମାନସିକ ଶାନ୍ତି, ଏକାଗ୍ରତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ।

## ୧୪୪ ଧାରା ଜାରି କରି ରାସ୍ତା କାର୍ଯ୍ୟ ଆରମ୍ଭ କଲା ପ୍ରଶାସନ
## ୩ ଦିନ ଧାରଣା ଦେବା ପରେ ନ୍ୟାୟ ପାଇଲେ ଗ୍ରାମବାସୀ



**ଢ଼େଙ୍କାନାଳ,(ମହାଭାରତ) :** ଜିଲ୍ଲା ହିନ୍ଦୋଳ ଏନ୍,ଏ, ସି ଅନ୍ତର୍ଗତ ହିନ୍ଦୋଳରୁ ସିଙ୍କୋଳ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଚାଲୁ ରହିଥିବା ବେଳେ ଆଲୁସିଂ ଠାରେ କିଛି ରାସ୍ତା ଗ୍ରାମବାସୀ କରାଇ ଦେଉନଥିଲେ। ଏହି ରାସ୍ତା ନିର୍ମାଣ ଦାବିରେ ସିଙ୍କୋଳ, ବରଗୁଜ, ଇଲିରିସିଙ୍ଗା ଆଦି ଗ୍ରାମର ଲୋକମାନେ ଆଜକୁ ବର୍ଷେ ହେଲା ତହସିଲ ଏବଂ ଉପଜିଲ୍ଲାପାଳଙ୍କ ନିକଟରେ ଗୁହାରି କରି ଆସୁଥିଲେ। ତହସିଲଦାର ରାସ୍ତା ଚିହ୍ନଟ ନ କରିବା ଫଳରେ ଶତାଧିକ ମହିଳା ଏବଂ ପୁରୁଷ ଆଜକୁ ପ୍ରାୟ ୩ ଦିନ ହେବ ତହସିଲଦାର ଅଫିସ୍ ସମ୍ମୁଖରେ ଅନଶନରେ ବସିଥିଲେ। ଶେଷରେ ଆଜି ପୋଲିସ୍ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରୀ କରି ଜାଗା ଚିହ୍ନଟ କରି ରାସ୍ତା କାର୍ଯ୍ୟ ଆରମ୍ଭ ହୋଉଛି। ତେବେ ଗ୍ରାମବାସୀଙ୍କ କହିବା କଥା ଯଦି ହିନ୍ଦୋଳ ତହସିଲଦାର ପ୍ରଥମରୁ ଜାଗା ଚିହ୍ନଟ କରିଥାନ୍ତେ ହୁଏତ ଆମକୁ ଏଭଳି ଅନଶନ କରିବାକୁ ପଡ଼ିନଥାନ୍ତା ।ତେବେ ଦୀର୍ଘଦିନର ଅପେକ୍ଷା ପରେ ପ୍ରଶାସନ ପକ୍ଷରୁ ଉଚିତ୍ ପଦକ୍ଷେପ ନିଆଯାଇ ଥିବାରୁ ପ୍ରଶାସନକୁ ଧନ୍ୟବାଦ୍ ଦେଇଛନ୍ତି ଅଞ୍ଚଳବାସୀ।

## ବେଲପଡା ବିଡିଓଙ୍କ ଦବଙ୍ଗିରି



**ପାଟଣାଗଡ଼,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ କାର୍ଯ୍ୟାଳୟ କନଫେନ୍ସ ହଲ ଠାରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଡେପୁଟି କଲେକ୍ଟର, ବ୍ଲକ ଅଧକ୍ଷା କୁମାରୀ ଟିନା କୁମ୍ଭାର, ବିଡ଼ିଓ ରାଜେଶ କୁମାର ମେହେର, ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର,ଏବିଡିଓ ସାରଥି ସାହୁ,ଏପିଓ ସୁପ୍ରଭା ପୁଝାରୀ ,ଜିପିଇଓ ଦେବେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ରୁ ୧୫ ଟି ମନରେଗା ଯୋଜନା ଦୁର୍ନୀତି ଉପରେ ଅଭିଯୋଗ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତ ର ପିଇଓ, ସରପଞ୍ଚ,ସମିତି ସଭ୍ୟ, ଗ୍ରାମ ରୋଜଗାର ସେବକ,ଗାଁ ସାଥି ମାନେ ପ୍ରମୁଖ ଉପସ୍ଥିତ ଥିଲେ। ସୋସିଆଲ ଅଡିଟର ପ୍ରତ୍ୟୋକ ସରକାରୀ କାର୍ଯ୍ୟରେ ସୂଚନା ଫଳକ ବିଳମ୍ବ ରେ ଦିଆଯାଉଥିବା ଅଭିଯୋଗ ଆଣିଛନ୍ତି ।ଉକ୍ତ ଦୁର୍ନୀତି ବିଷୟରେ ଆଲୋଚନା କରୁଥିଲାବେଳେ ଗଣମାଧମ ପ୍ରତିନିଧି ଭିଡିଓ କରିବା ପାଇଁ ଉଦ୍ୟମ କରୁଥିବାରୁ ବିଡ଼ିଓ ରାଜେଶ କୁମାର ମେହେର ଚିହିଁକି ଉଠି ଗଣମାଧମ ପ୍ରତିନିଧି ଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କଲେ ।ବେଲପଡା ବ୍ଲକ ରେ ବିଡ଼ିଓ ରାଜେଶ କୁମାର ମେହେର ଯୋଗଦେବା ପର ଠାରୁ ମନମୁଖୀ କାର୍ଯ୍ୟ କରୁଥିବା ଲୋକଙ୍କୁ ଦୁର୍ବ୍ୟବହାର ଦେଉଥିବା କଥା ଅଞ୍ଚଳରେ ବେଶ୍ ଚର୍ଚ୍ଚା ହୋଇଆସୁଛି। ଏମିତିକି ବ୍ଲକରେ ହେଉଥିବା ପ୍ରତ୍ୟେକ କାର୍ଯ୍ୟ ରେ କାମ ସରିଲା ପରେ ସୂଚନା ଫଳକ ଦିଆଯାଏ ଓ ଟଙ୍କା ହଡପ ହେଉଥିବା ଶୁଣିବାକୁ ମିଳୁଛି। ବ୍ଲକ ରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣୀ ଶିବିର ହେଉ କିମ୍ବା ବ୍ଲକ ଜନଶୁଣାଣୀ ଶିବିର ହେଉ କେବେ ପ୍ରଚାର ପ୍ରସାର କରାଯାଏନାହିଁ ଏବଂ କାର୍ଯ୍ୟକ୍ରମ ର ଗୋଟିଏ ଦିନ ରେ ପ୍ରଚାର କରାଯାଇଥାଏ। ଫଳରେ ଜନସାଧାରଣ ଜାଣି ନପାରି ଅଭିଯୋଗ କରିବା ପାଇଁ ଆସିପାରିନଥାନ୍ତି। ଦୁର୍ନୀତି କୁ ଲୁଚାଇବା ଉଦ୍ଦେଶ୍ୟରେ ବିଡ଼ିଓ ଏପରି କରିଥାନ୍ତି କି ବୋଲି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ବିଶ୍ୱ ଯୋଗ ଦିବସ ପାଳିତ



**କପ୍ତିପଦା,(ମହାଭାରତ) :** କପ୍ତିପଦା - କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଆଜି କପ୍ତିପଦା ମହାବିଦ୍ୟାଳୟ, କପ୍ତିପଦା ପ୍ରାଙ୍ଗଣରେ ଅଧକ୍ଷ ନିରୋଜ କୁମାର ଖୁଣ୍ଟିଆଙ୍କ ଅଧକ୍ଷତାରେ ଯୋଗ ଦିବସ ପାଳିତ ହୋଇଯାଇଛି । ପରିଚାଳନା ସମିତିର ସଭାପତି ଅଶ୍ୱିନୀ କୁମାର ପରିଡା ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ ଦିବସ ପାଳନର ମୁଖ୍ୟ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜାତୀୟ ସେବା ସଂସ୍ଥାର ସଂଯୋଜକ ଡ. ଦୀପାଳି ମହାନ୍ତ ଏବଂ ଯୁଥ ରେଡକ୍ରସର ସଂଯୋଜକ ଦୁଷ୍ମନ୍ତ କୁମାର ସାହୁ ଓ ଡ. ଭାରତୀ ସାହୁ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ନିଜ ସ୍ୱାସ୍ଥ୍ୟ ତଥା ସମାଜ ପାଇଁ ଏହା କେତେ କଲ୍ୟାଣକାରୀ ତାହା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସକାଳ ୭ ଟା ରେ ଯୋଗ ଶିକ୍ଷକ ପ୍ରବୀର କୁମାର ବେହେରାଙ୍କ ମାର୍ଗ ଦର୍ଶନରେ ସାମୁହିକ ଯୋଗ ସାଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧାପକ ସନ୍ତୋଷ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ଡ. ଭାରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ର ଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

# ମୁକୁଳା ଡ୍ରେନକୁ ବନ୍ଦ କରିବା ପାଇଁ ପୌର ପ୍ରଶାସନର ପଦକ୍ଷେପ

## ୱାର୍ଡ ପରିଦର୍ଶନ ପରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବେ

ନୟାଗଡ଼, ( ମହାଭାରତ ) : ରାଜଧାନୀରେ ମୁକୁଳା ଡ୍ରେନରେ ଭାସିଯିବା ଯୋଗୁ ଜଣେ ନାବାଳକର ମୃତ୍ୟୁକୁ ନେଇ ରାଜ୍ୟବ୍ୟାପୀ ହଟଚମଟ ସୃଷ୍ଟି ହୋଇଥିଲା। ଏହାକୁ ବେଶ୍ ଗୁରୁ ସହ ନେଇ ରାଜ୍ୟ ସରକାର ସମସ୍ତ ପୌରପାଳିକାକୁ ତୁରନ୍ତ ମୁକୁଳା ପଡ଼ିଥିବା ଡ୍ରେନ ଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପୌର ପ୍ରଶାସନ ପକ୍ଷରୁ ନୟାଗଡ଼ର ସମସ୍ତ ୧୬ଟି ୱାର୍ଡ ରେ ଥିବା ଡ୍ରେନ ଗୁଡ଼ିକୁ ଯନ୍ତ୍ରୀମାନେ ପରିଦର୍ଶନ କରିବା ଆରମ୍ଭ କରିଛନ୍ତି। କେଉଁଠି କେଉଁଠି ଡ୍ରେନଷଗୁଡ଼ିକ ମୁକୁଳା ପଡ଼ିଛି, ଏ ନେଇ ଏକ ରିପୋର୍ଟ ସେମାନେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଏହା ସହ ମୌସୁମୀ ଆସିଯାଇଥିବାରୁ ବର୍ଷା ଆରମ୍ଭ ହୋଇଯାଇଛି। ଏଣୁ ଡେଙ୍ଗୁ ଭୟ ମଧ୍ୟ ରହିଛି। ସେଥିପାଇଁ ପୌର ପ୍ରଶାସନ ପକ୍ଷରୁ ଡ୍ରେନ ସଫେଇ ଓ ବଣବୁଦା କଟାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ନୟାଗଡ଼ ସହରରେ ଏକାଧିକ ୱାର୍ଡ ରେ ଡ୍ରେନ୍ ମୁକୁଳା ପଡ଼ିଛି। ବଡ଼ ବଡ଼ ବିଲ୍ଡିଂର ବର୍ଜ୍ୟ ଜଳ, ଏମିତିକି ପାଇଖାନା ପାଇପ୍କୁ ମଧ୍ୟ କିଛି ବ୍ୟକ୍ତି ଓ ଅନୁଷ୍ଠାନ ଡ୍ରେନକୁ ଛାଡ଼ି ଦେଇଛନ୍ତି। ଫଳରେ ବିଭିନ୍ନ କଲୋନିରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ରହୁଥିବା ଲୋକ ମାନଙ୍କର ଚଳିବା ମୁସ୍କିଲ ହୋଇଛି। ଦୀର୍ଘ ଦିନ ଧରି ନୟାଗଡ଼ ପୌରପାଳିକାରେ ଏମିତି ଅବସ୍ଥା ଲାଗି ରହିଛି। ମାତ୍ର ଏ ଦିଗରେ



ପୌର ପ୍ରଶାସନ କିଛି ବି ପଦକ୍ଷେପ ନେଇପାରୁନାହିଁ। ଏ ସବୁ ସମସ୍ୟାକୁ ପୌର ପ୍ରଶାସନର କର୍ମଚାରୀ ମାନେ ଦେଖୁଥିଲେ ମଧ୍ୟ ଚୁପ୍ ହୋଇ ବସି ରହିଛନ୍ତି। ପ୍ରତ୍ୟେକ ପୌରପାଳିକାରେ ଏ ସମସ୍ତ ବ୍ୟବସ୍ଥାକୁ ଯାଞ୍ଚ କରିବା ପାଇଁ ଏକ ସ୍କ୍ୱାର୍ଡ ବ୍ୟବସ୍ଥା ରହିଛି। ସହରର ପରିମଳ ବ୍ୟବସ୍ଥାକୁ ବିଗାଡୁଥିବା ଲୋକ ମାନଙ୍କ ଉପରେ ଏହି ସ୍କ୍ୱାର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ। ମାତ୍ର ନୟାଗଡ଼ ପୌରପାଳିକାରେ ସେମିତି କୌଣସି ବ୍ୟବସ୍ଥା ନାହିଁ। ଏହାର ସୁଯୋଗ ନେଇ ଲୋକମାନେ ଘରର ବର୍ଜ୍ୟ ଜଳକୁ ସିଧାସଳଖ ପାଇପ ଲଗାଇ ଡ୍ରେନ୍କୁ ଛାଡ଼ି ଦେଉଛନ୍ତି । ପୌରପାଳିକା ଟିକସ ଆଦାୟ କରୁଥିବା କର୍ମଚାରୀ ମାନେ ଏ ନେଇ ସେମାନଙ୍କୁ ତାଗିଦ କରୁଥିଲେ ମଧ୍ୟ ଲୋକେ ଏହାକୁ ଖାତିର କରୁନାହାନ୍ତି। ଓଲଟା ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ସହରରେ ଏକାଧିକ କୋଚିଂ ସେଣ୍ଟର, ଘରୋଇ ଆବାସିକ ସ୍କୁଲ ଓ କଲେଜ ରହିଛି। ଏହାର ଛାତ୍ରଛାତ୍ରୀ ମାନେ ରହୁଥିବା ହଷ୍ଟେଲ ଗୁଡ଼ିକର ମାଲିକ ମାନେ ନିୟମକୁ ଉଲଂଘନ କରି ଏମିତି କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ପୌରପାଳିକା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ କେଉଁ ୱାର୍ଡ ରେ ଡ୍ରେନ ଗୁଡ଼ିକ ମୁକୁଳା ପଡ଼ିଛି, ଏହାର ଏକ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ପରେ ଏହି ଡ୍ରେନଟି ପୌର ପ୍ରଶାସନ ଅଧୀନରେ ରହିଛି କି ପିଡବ୍ଲ୍ୟୁଡି କିମ୍ବା ଜିଲ୍ଲା ପ୍ରଶାସନର ଆଉ କୌଣସି ବିଭାଗ ଅଧୀନରେ ରହିଛି, ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ଖୁବ୍ଶୀଘ୍ର ଏହି ଡ୍ରେନ ଗୁଡ଼ିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ସ୍କ୍ୱାର୍ଡ ବ୍ୟବସ୍ଥା ଆରମ୍ଭ କରିବା ପାଇଁ କାଉନସିଲ ବୈଠକରେ ଆଲୋଚନା କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

## ଆସିକା ପୋଲକାଶୁଣୀ ଯାତ୍ରା ରେ ଯୋଗଦେଲେ ବିଧାୟକ ସରୋଜ ପାଢ଼ୀ



ଆସିକା(ମହାଭାରତ): ମାଆଁ ପୋଲକାଶୁଣୀ ଙ୍କ ତ୍ରୟୋବାର୍ଷିକ ଯାତ୍ରା ତଥା ସପ୍ତ ଠାକୁରାଣୀ ଙ୍କ ମିଳନ କାର୍ଯ୍ୟକ୍ରମ ଯୋଗଦେଲେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ । ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ମାଙ୍କ ସାତୋଟି ଘଟକୁ ମହିଳା ମାନେ ଆଜି ସହର ଲାଲଗୋର୍ଜିଛକ ଅସ୍ଥାୟୀ ମନ୍ଦିର ରୁ ବାହାରି ସାନ ମୁନି ସାହି, ଗୋଲା ସାହି, ବଡ଼ ମୁନି ସାହି, ମହାତ୍ମାଗାନ୍ଧୀ ରୋଡ ଆଦି ପରିକ୍ରମା କରିଥିଲେ । ଏହି ଅସରରେ ମୁଖ୍ୟ ଅତିଥି ରୂପେ ବିଧାୟକ ସରୋଜ ପାଢ଼ୀ ଯୋଗ ଦେଇ ବିଭିନ୍ନ ଜୋନ ରେ ତିଆରି ହୋଇଥିବା କଳାକୁଞ୍ଜ ଗୁଡିକୁ ଲୋକ ମାନଙ୍କ ଉଦ୍ଦେଶ୍ୟ ରେ ଖୋଲି ଥିଲେ । ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ଏବଂ ଶୃଙ୍ଖଳିତ ଦର୍ଶନ ନିମନ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି କ୍ଷସ୍ତୋତ୍ରିୟ ପଣ୍ଡିତ ବ୍ରାହ୍ମଣ ରାମକୃଷ୍ଣ ନନ୍ଦ,ପ୍ରମୋଦ ହୋତା, କୃଷ୍ଣଚନ୍ଦ୍ର ମିଶ୍ର,ଷଷ୍ଠୀ ପ୍ରସାଦ ହୋତା, ସାନୁଜ ମିଶ୍ର,ବିଘନେଶ୍ୱର ଆଚାର୍ଯ୍ୟ,ମନ୍ଦିର ପୁରହିତ ରତ୍ନାକର ଦାସ ଓ ସୀତାରମା ଦାସ ପ୍ରମୁଖ ମନ୍ତ୍ର ଧ୍ୱନୀ ରେ ସହର ପ୍ରକମ୍ପିତ ରହିଥିଲା ।

## ମୁଖା ଦେଇଛି ପରିଚୟ, ରଦ୍ଦ କାଗଜରୁ ରୋଜଗାର

ବେଗୁନିଆ,,(ମହାଭାରତ): ମୁଖା ଦେଇଛି ପରିଚୟ ରଦ୍ଦ କାଗଜ ଦେଇଛି ରୋଜଗାର ବିଭିନ୍ନ ଆକୃତିର ସୁନ୍ଦର ମୁଖା ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ହୋଇଛନ୍ତି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ବାଘମାରି ବଡ଼ସାହିର ପ୍ରମୋଦ କୁମାର ପଣ୍ଡା। ଲୋକ କଳାର ବାର୍ତ୍ତା ବହନ କରୁଥିବା କାଗଜମୁଖା ନିର୍ମାଣ କଳାକୁ ଯୁବପିଢ଼ି ଆପଣାଉ ନାହାନ୍ତି। କାଗଜ ମୁଖାକୁ ପୂର୍ବରୁ ରାମଲୀଳା, କୃଷ୍ଣ ଲୀଳା ଭଳି ଲୋକକଳାରେ କଳାକାର ପରିଧାନ କରି ନୃତ୍ୟ ପରିବେଷଣ କରୁଥିଲେ। ସମୟ ବଦଳିବା ସହ କାଗଜ ମୁଖାର ଆଦର କମୁଛି। ଏହାକୁ ବଞ୍ଚାଇ ରଖିବାକୁ ଅଣ୍ଟା ଭିଡ଼ିଛନ୍ତି ପ୍ରମୋଦ ପ୍ରମୋଦ ଉଚ୍ଚ ଶିକ୍ଷିତ ଚାକିରି ପଛରେ କେବେ ଧାଇଁ ନାହାନ୍ତି ପିଲାଦିନୁ କଳାପ୍ରତି ଆକୃଷ୍ଟ କଳାକୁ ରୋଜଗାରର ମାଧ୍ୟମ କରି ସ୍ୱାବଲମ୍ବୀ ହୋଇଛନ୍ତି। ରଦି କାଗଜରୁ ମୁଖା ପ୍ରସ୍ତୁତିରେ ନିଜକୁ ନିୟୋଜିତ କରିଛନ୍ତି ଅତି ନିଖୁଣ ଭାବରେ ମୁଖା ତିଆରି କରି ଏଥିରେ ପ୍ରାକୃତିକ ରଙ୍ଗଦେଇ ଜୀବନ୍ତ କରୁଛନ୍ତି। ଗ୍ରାମାଞ୍ଚଳରେ ପୌରାଣିକ ନାଟକ ପରିବେଷଣ ହେଉଥିଲେ ମଧ୍ୟ ଏହି ମୁଖା ଆଉ ସେଥିରେ ବ୍ୟବହାର ହେଉନି। ତେବେ କାଗଜ ମୁଖା ରାଜ୍ୟ ବାହାରେ ଏବଂ ବିଦେଶରେ ବେଶ ଆଦୃତ ହୋଇପାରିଛି। କାଗଜମୁଖାକୁ ଘର ସଜା ତଥା ବଡ଼ବଡ଼ ତାରକା ହୋଟେଲରେ ବ୍ୟବହାର କରାଯାଉଥିବା ସେ କହିଛନ୍ତି। ଏଥିପାଇଁ ସେ ବିଧିବଦ୍ଧ ପ୍ରଶିକ୍ଷଣ ନେଇନାହାନ୍ତି। ନିଜସ୍ୱ ଉଦ୍ୟମରେ ଏହାକୁ ନିଖୁଣ ଭାବରେ ପ୍ରସ୍ତୁତ କରୁଛନ୍ତ। ବିଲୁପ୍ତପ୍ରାୟ କାଗଜ ମୁଖା ପ୍ରସ୍ତୁତି ସମ୍ପର୍କରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେଇ ଏହି କଳାପ୍ରତି ଆଗ୍ରହ ସୃଷ୍ଟି କରୁଛନ୍ତି । ଗ୍ରାମର ବେକାର ଯୁବକ ଯୁବତୀଙ୍କୁ ଏହି ମୁଖା ପ୍ରସ୍ତୁତିକୁ ବିନା ପାରିଶ୍ରମିକରେ ଶିଖାଇ ସେମାନଙ୍କୁ ରୋଜଗାର କ୍ଷମ କରାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି । ବର୍ତମାନ କାଗଜ ମୁଖାର ଚାହିଦା ଭଲ ଥିବାରୁ ଏହାକୁ ପେସା ଭାବେ ଗ୍ରହଣ କଲେ ଯୁବଗୋଷ୍ଠୀ ଭଲ ରୋଜଗାର କରିପାରିବେ ବୋଲି ସେ ଆଶାବାଦୀୟ ସରକାର ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଏହି ପାରମ୍ପରିକ କାଗଜ ମୁଖା ଶିଳ୍ପ ପ୍ରତି ଯୁବପିଢ଼ି ଆଗ୍ରହ ବଢ଼ି ପାରନ୍ତା ବୋଲି ସେ କହିଛନ୍ତି।

## ଚିକିତ୍ସା ଅଭାବରୁ ପିଲାର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆଣିଲେ ବାପା

ଅନୁଗୋଳ,(ମହାଭାରତ): ଅନୁଗୋଳ ସହର ହୁଲୁରସିଂହା ଠାରେ ଥିବା ସରୋଜିନୀ ହେଲଥ କେୟାର ରେ ଘଟିଛି ଅଘଟଣ। ଚିକିତ୍ସା ଅଭାବରୁ ପିଲାର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆଣିଲେ ବାପା । ସୂଚନା ଯେ, ବାଲିମି ଥାନା ଅନ୍ତର୍ଗତ କାରନ୍ଦା ଗାଁର ସୁଧୀର ବେହେରା ଙ୍କର ସ୍ତ୍ରୀ ୮ ମାସ ହେଲା ଗର୍ଭବତୀ ରହିଛନ୍ତି। ତାଙ୍କ ସ୍ତ୍ରୀ ଙ୍କର ଚେକଅପ୍ ସରୋଜିନୀ ହେଲଥ କେୟାର ରେ କରାନ୍ତି। କିଛିଦିନ ତଳେ ସୁଧୀର ଙ୍କ ସ୍ତ୍ରୀ ଙ୍କର ଦେହ ଖରାପ ହେବାରୁ ସରୋଜିନୀ ରେ ଭର୍ତି କରି ଆଡମିଟ୍ କରିଥିଲେ। ଦେହ ଭଲ ହେବା ପରେ ଘର କୁ ନେଇ ଯାଇଥିଲେ। ଗତ କାଲି ସୁଧୀର ଙ୍କ ସ୍ତ୍ରୀ ଙ୍କର ଦେହ ହାତ କୁଣ୍ଡାଇ ହେବାରୁ ପୁଣି ସରୋଜିନୀ କୁ ଆଣିଥିଲେ। ଡାକ୍ତର ଦେଖିବା ପରେ ମେଡିସିନ ଏବଂ ଇଞ୍ଜେକସନ୍




ଦେବା ପରେ ଘର କୁ ଦୁଇଜଣ ଯାକ ଯାଇଥିଲେ। ଗତ ରାତିରେ ତଳି ପେଟ ରେ ଯନ୍ତ୍ରଣା ହେବାରୁ ଆଜି ସକାଳୁ ସରୋଜିନୀ କୁ ଆଣିଥିଲେ। ଡାକ୍ତର କହିଲେ ଯେ ପରିସ୍ରା ଇନ୍ଫେକସନ ହେଇଛି ପରିସ୍ରା ଟେଷ୍ଟ କରିବାକୁ ପରାମର୍ଶ ଦେଲେ। ସୁଧୀର ଯାଇ ଟେଷ୍ଟ କରିବା ପରେ କିଛି ନ ଦେଖି ମେଡିସିନ ଏବଂ ଇଞ୍ଜେକସନ୍ ଦେଇଥିଲେ। କିଛି ସମୟ ପରେ ଜଣେ ଦିଦି ଆସିଲେ କହିଲେ ଯେ, ବାହାରକୁ ନେଇ ଅଲଟ୍ରାସାଉଣ୍ଡ କରି କି ଆଣିବାକୁ ।ସୁଧୀର ତାଙ୍କ ସ୍ତ୍ରୀ ଙ୍କୁ ଏକ ଅଟୋ ସାହାଯ୍ୟ ରେ ନେଇ ଗଲା ବେଳେ ରାସ୍ତାରେ ଗର୍ଭପାତ ହୋଇଥିଲା, ଗର୍ଭପାତ ହେଲା ପରେ ପିଲା ଟି ମୃତ୍ୟୁ ବରଣ ହୋଇ ଜନ୍ମ ହୋଇଥିଲା। ସୁଧୀର ଏ ଘଟଣା ବିଷୟରେ ସରୋଜିନୀ ହେଲଥ କେୟାର ର କର୍ତ୍ତୃପକ୍ଷ କହୁଛନ୍ତି ଯେ, ଆମେ କିଛି ଜାଣି ନାହୁଁ ,ତମେ ଯାହା କରିବା କଥା କର ବୋଲି କହିଥିଲେ। ସୁଧୀର ନିରୂପାୟ ହୋଇ ଗଣ ମାଧ୍ୟମ ଆଗରେ ନ୍ୟାୟ ପାଇଁ ଗୁହାରି କରିଥିଲେ। ଏବେ ଏଠି ପ୍ରଶ୍ନ ଉଠେ ଯେ, ସରୋଜିନୀ ହେଲଥ କେୟାର ରେ ଅଲ୍ଟ୍ରାସାଉଣ୍ଡ ଥାଇ ମଧ୍ୟ କାହିଁକି ବାହାରକୁ ନେବାକୁ କହିଥିଲେ। କଣ ରହିଛି କାରଣ, କାହିଁକି ପିଲା ର ମୃତ୍ୟୁ ଘଟିଲା।ଏ ଘଟଣା ବିଷୟରେ କେୟାର କର୍ତୃପକ୍ଷ ଙ୍କୁ ପଚାରିବାରୁ କହିଲେ ଯେ, ଆସନ୍ତୁ କଥା ହେବା, ଆଉ କିଛି ସମୟ ଭିତରେ ବୁଝି କି କହୁଛୁ । କିନ୍ତୁ ତା ପରେ କୌଣସି ଉତ୍ତର ମିଳି ନଥିଲା ସରୋଜିନୀ ହେଲଥ କେୟାର କର୍ତୃପକ୍ଷ ଙ୍କ ଠାରୁ। ଏ ଭଳି ପ୍ରାଇଭେଟ ଚିକିତ୍ସାଳୟ ରେ ପିଲା ର ମୃତ୍ୟୁ ଘଟଣା କୁ ଅଞ୍ଚଳ ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଢେଙ୍କାନାଳ ମାଟିର ପୁଅ ରାଜହସ୍ତୀଙ୍କୁ ମିଳିଲା ସଂଯୋଗୀ ସୃଜନୀ ସମ୍ମାନ

ଢେଙ୍କାନାଳ(ମହାଭାରତ)ସଂଯୋଗୀ ସାହିତ୍ୟ ସଂସଦ, ପକ୍ଷରୁ ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ପରିସରରେ ସଂଯୋଗୀ ର ସଭାପତି ଉପେନ୍ଦ୍ର କୁମାର ପତି ଓ ସଂପାଦକ ବାବୁଲାଲ ପଲେଇ ଙ୍କ ଆବାହକ କ୍ରମେ ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ଅବସର ପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଏବଂ ମୂଖ୍ୟବକ୍ତା ସମ୍ବାଦ ଖବର କାଗଜର ସହସମ୍ପାଦକ ଡଃ ଚି□ରଞ୍ଜନ ବେହେରାଙ୍କ ସମେତ ଉପେନ୍ଦ୍ର ଦାସ, କୋଶଳ ଭଞ୍ଜକବି ରସିକ ବେହେରା, ଯଦୁମଣି ବେହେରା, କୈଳାଶ ଚନ୍ଦ୍ର ତନ୍ତି ,ଚିନ୍ତାମଣି ମହାଳିକ, ହୃଷୀକେଶ ଦାଶ ପ୍ରଭୃତି ସାହିତ୍ୟ ରଥୀ ଯୋଗ ଦେଇଥିଲେ । ତ୍ରୈମାସିକ ପତ୍ରିକା ସଜଫୁଲ ଉନ୍ମୋଚିତ ହେବା ସହ ପନ୍ଦର ଜଣ ସାହିତ୍ୟ ସାଧକ ସାଧିକାଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା । ପରେ ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ କବି, ସାହିତ୍ୟିକ ଓ,ବ୍ୟକ୍ତି ବିଶେଷ ଙ୍କୁ ବିଭିନ୍ନ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ତନ୍ମଧ୍ୟରୁ ରାଜହସ୍ତୀଙ୍କୁ ସାମାଜିକ ଅଙ୍ଗୀକାର ବହନ କରିଥିବାପୌରାଣିକ ଉପନ୍ୟାସ ମହାଭାରତର ଦ୍ୱିତୀୟ ଅର୍ଜ୍ଜୁନ ବୀର ବବ୍ରୁବାହନ ରଚନା କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ ପୂର୍ବକ ସଂଯୋଗି ସୃଜନୀ ସମ୍ମାନ ରେ ସମ୍ମାନୀତ କରାଯାଇଛି ।ସୁଚନା ଯୋଗ୍ୟ ଯେ ଢେଙ୍କାନାଳ ଜିଲ୍ଲା ମେରାମଣ୍ଡଳୀ ନିକଟସ୍ଥ ନଗାରୀ ଗ୍ରାମରେ ଜନ୍ମିତ ଶ୍ରୀଯୁକ୍ତ ରାଜହସ୍ତୀ ତାଙ୍କ ର ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ ବିଗତ ଦିନରେ ଭାରତ ର ସର୍ବବୃହ୍ଦ ପ୍ରକାଶନୀ ସଂସ୍ଥା ଷ୍ଟୋରୀ ମିରର୍ ଓଡ଼ିଆ ତରଫରୁ ୨୦୨୧ ସାରସତ୍ୱ କବିତା ସମ୍ମାନ ଓ ଦରବାର ସାହିତ୍ୟ ଚକ୍ର ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।ଏଥି ସହିତ ରାଜ୍ୟର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନ ସହ ଯୋଡ଼ି ହୋଇ ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ହାସଲ ପୂର୍ବକ ସମ ସାମୟିକ ସମ୍ବାଦପତ୍ର,ପତ୍ରପତ୍ରିକାରେ ସ୍ୱୀୟ ଲେଖନୀ ଚାଳନା ଜାରି ରଖି ଓଡ଼ିଆ ଭାଷାଭାରତୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ଏହି ସଫଳତା ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିପାରିଛି ।

## ଛତିଆ ନନାଟୁଙ୍ଗି ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା

ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଛତିଆ କମ୍ପାନୀ ବଜାର ମୌଜା ଶାନ୍ତିକୁଟିର ନନାଟୁଙ୍ଗି ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ପବିତ୍ର ସ୍ନାନବେଶ ବହୁ ଆଡ଼ମ୍ବର ଭାବଗମ୍ଭିର ପରିବେଶ ମଧ୍ୟରେ ହିଁ ପାଳିତ ହୋଇଛି। ସଂଧ୍ୟା ସମୟ ଠାରୁ ସ୍ନାନମଣ୍ଡପ ଉପରେ ଶ୍ରୀଜୀଉ ଙ୍କ ଦିବ୍ୟ ଗଜାନନବେଶ ଦର୍ଶନ କରିବା ନିମନ୍ତେ ବହୁ ଭକ୍ତଙ୍କ ଭିଡ଼ ଓ ଗହଳି ଚହଳି ଦେଖିବାକୁ ମିଳିଥିଲା। ଏବଂ ଏହି ପୀଠର ନିର୍ମାଣତା ସ୍ୱର୍ଗତ ବ୍ରହ୍ମଚାରୀ ଗୋବିନ୍ଦ ପଣ୍ଡାଙ୍କ ଶିଷ୍ୟ ଗନ୍ଧର୍ବ ଷେଣ୍ଡଙ୍କ ପୁତ୍ର,ନାତି,ନାତୁଣୀ ମାନଙ୍କ ସମେତ ଗ୍ରାମବାସୀ ବୃନ୍ଦ ମାନଙ୍କ ସହଯୋଗରେ ଏହି ଅନୁଷ୍ଠାନ ଟି ଦୀର୍ଘ ଦିନ ଧରି ଚାଲି ଆସୁଛି। ଉକ୍ତ କାର୍ଯ୍ୟକ୍ରମରେ ତିଲୋଚନ ଷେଣ୍ଡେ, ଶ୍ରୀଧାନ୍ତ ଶଙ୍କର ଷେଣ୍ଡେ, ରବିନ୍ଦ୍ର ନାଥ ଆଦିଙ୍କ ଦ୍ୱାରା ପରିଚାଳନା ସହ ଗ୍ରାମର ସଙ୍କୀର୍ତ୍ତନପ୍ରଚଳିତ ମଣ୍ଡଳୀ ସହଯୋଗରେ ସୁରୂରୂପେ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରଚଳିତ ହୋଇଥିଲା।

## ମାସ ମାସ ଧରି ନଳକୂପ ଅଚଳ ମରାମତି ପାଇଁ କହିଲେ କୁମ୍ଭ କର୍ଣ୍ଣ ନିଦ୍ରାରେ ବସୁଧା ଯୋଜନା

କଳାହାଣ୍ଡି/ମହାଭାରତ :କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଗାଡେବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଫଟକାବାହାଲି ଗ୍ରାମ ରେ ଦେଖିବାକୁ ମିଳିଛି ଏକ ବିକଳ ଚିତ୍ର । ଗ୍ରୀଷ୍ମ ଯାଇ ବର୍ଷା ଆରମ୍ଭ ହେଲା ହେଲେ ଏବେବି ଦୂର ହେଇନି ପାନୀୟ ଜଳ ସମସ୍ୟା ଯେଉଁଥି ପାଇଁ ଏକ କିଲୋମିଟର ଯାଇ ପୋଖରୀ ର ପାଣି ଖାଉଛନ୍ତି ଗ୍ରାମ ବାସି । ସେଥି ମଧ୍ୟରୁ ୨ଟି ନଳକୂପ ଅଛି ଗୋଟିଏ ଅଚଳ ହୋଇଥିବେଳେ ନଳ ଖୋଲି ୬ମାସ ହେଇଗଲାଣି ତାହାର କିଛି କାର୍ଯ୍ୟ କରୁନାହାନ୍ତି ବସୁଧା ଯୋଜନା ଅଧିକାରୀ ମାନେ । ବସୁଧା ଯୋଜନା ଅଧିକାରି ଙ୍କୁ ଫୋନ ଯୁଗେ ସେଠି ଔର ଓ ପଞ୍ଚାୟତ କର୍ମଚାରି ସୁବାଷ ଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କର୍ଣ୍ଣ ପାତ କରୁନାହାନ୍ତି ବୋଲି ଗ୍ରାମ ବାସି କହିଛନ୍ତି । ପିଇବାର ଜଗ୍ୟପାଣି ବାହାରୁ ନି ଯାହାର ଶିକାର ହେଉଛନ୍ତି ଫଟକାବାହାଲି ରଜାମୁଣ୍ଡା ପଡା ଲୋକେ ଗୋଟିଏ ପଡାରେ ୨୦ରୁ ଅଧିକ ପରିବାର ବସବାସ କରନ୍ତି । ଯାହା ଫଳରେ ଗୋଟିଏ ନଳକୂପ ଉପରେ ଭରସା କରି ରହି ଆସୁଥିଲେ ତାହା ମଧ୍ୟ ଏହି କିଛି ମାସ ହେଲା ପିଇବାର ଜଗ୍ୟ ପାଣି ବାହାରନି । ବସୁଧା ଯୋଜନା କହିଲେ ନ ସରେ ସରକାର ବସୁଧା କୁ ବାହା ବାହା ମାରିଥିବା ବେଳେ ସେଥି ମଧ୍ୟରୁ ମଇଳା ପାଣି ବାହୁରିଛି । ଯେଉଁଥି ପାଇଁ ପଡାବାସି ଅନେକ ଥର ବିଭାଗ୍ୟ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ଏ ପର୍ଯ୍ୟନ୍ତ ମରା ମତି ହୋଇ ପାରୁନାହିଁ । ଯାହା ପିଲା ଛୁଆଁକୁ ଛାଡି ଅନେକ ଦୁରକୁ ଯାଇ ପାଣି ସଂଗ୍ରହ କରୁଛନ୍ତି ।ତେଣୁ କରି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ବିଭାଗ୍ୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ମରାମତି କରିବା ପାଇଁ ଗ୍ରାମ ବାସି ଙ୍କ ଦାବି।

## ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ର ଆବାହକ କେ ଶ୍ରୀନିବାସ ରାଓ ଙ୍କ ଅଧ୍ୟକ୍ଷତାରେ ଜୟପୁର ପୁର୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମି ଜୁଲାଇ ମାସ ୨୮ ତାରିଖରେ ଉତ୍କଳ ସାମ୍ବାଦିକ ସଂଘ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପ୍ରଥମ ଥର ଜୟପୁର ସହରରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ବୈଠକରେ ରାଜ୍ୟ କର୍ମକର୍ତ୍ତା ଙ୍କ ସମେତ ବିଭିନ୍ନ ଜିଲ୍ଲା ରୁ ୨୦୦ ଶହ ରୁ ଉର୍ଦ୍ଧ କର୍ମକର୍ତ୍ତା ଉପସ୍ଥିତ ରହିବେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କିଭଳି ସଫଳ ରୁପାୟନ ହେବ ସେନେଇ ଉପସ୍ଥିତ କର୍ମକର୍ତ୍ତା ଏବଂ ସଭ୍ୟ ମାନେ ମତ ପ୍ରଦାନ କରିଥିଲେ । ଉକ୍ତ ବୈଠକ ରେ ରାଜ୍ୟ ସମ୍ପାଦକ ନୃସିଂଙ୍ଗ ବ୍ରହ୍ମା ,ମାଲକାନଗିରି ଜିଲ୍ଲା ର ସଭାପତି ଦୂର୍ଜଧନ ପାତ୍ର,ଉପଦେଷ୍ଟା ସିମାଞ୍ଚଳ ପାଣିଗ୍ରାହି,କାର୍ଯାଳୟ ସମ୍ପାଦକ ସତ୍ୟନାରାୟଣ ଦାସ ,କସାଧକ୍ଷ ହୃଷିକେଶ ସେଠି, ନବରଙ୍ଗପୁର ଜିଲ୍ଲା ର ସଭାପତି ହୃଷିକେଶ ମିଶ୍ର, ସମ୍ପାଦକ ଧିରେନ କୁମାର ପଣ୍ଡା, ଦେବି ପଟ୍ଟନାୟକ,କରେସ ଚନ୍ଦ୍ର ଉପାସି ସମେତ କୋରାପୁଟ ଜିଲ୍ଲା ର କାର୍ଯ୍ୟକାରି ସଭାପତି ଜୟସିଂଙ୍ଗ ପଡା ସେଠି, ସୁଦର୍ଶନ ସେନାପତି,ମନୋଜ ଦାସ ,ସୁଭ ନାରାୟଣ ମହାନ୍ତି, ଚିତ ରଞ୍ଜନ ଚୈଧରି ,ମନୋଜ ଦାସ, ମଧୁସୁଦନ ପାତ୍ର,କୃଷ୍ଣ ଚନ୍ଦ୍ର ଗଲରି,ସ୍ୟାମ ଖିଲ ,ଅଚୁତ ଗୁଣ୍ଟା, ପି ଗୋପାଳ ରାଓ,ଆନନ୍ଦ ଖରା ପ୍ରମୁଖ ଅଂସ ଗ୍ରହଣ କରିଥିଲେ ।

## ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ରହିଛି ଶହଶହ ଏକର ଜମି

# ରେକର୍ଡରେ ହିସାବ ନାହିଁ କି ଜମିର ବି ପତା ମିଳୁନି

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜଗନ୍ନାଥ ମନ୍ଦିରର ଜିଲ୍ଲାବ୍ୟାପୀ ଶତାଧିକ ଏକର ଜମି ରହିଛି। ତଥାପି ଏଠାରେ ରଥ ନିର୍ମାଣ ପାଇଁ କାଠ କିଣିବାରେ ସମସ୍ୟା ହେଉଛି ତ ଗହଣା ବି ମରାମତି ହୋଇନପାରି ସୁନାବେଶ ବନ୍ଦ ହୋଇଯାଉଛି। ମନ୍ଦିର ଚଳାଇବା ପାଇଁ ଅଧିକାଂଶ ସମୟରେ ଲୋକ ମାନଙ୍କର ଦାନକୁ ଦେବୋ□ର ବିଭାଗ ଚାହିଁ ବସୁଛି। ଏପଟେ କିନ୍ତୁ ଜିଲ୍ଲାବ୍ୟାପୀ ଶହଶହ ଏକର ଜମି ପଡ଼ି ରହିଛି। କେବଳ ସେତିକି ନୁହେଁ, ଅଧିକାଂଶ ଜମିକୁ ବ୍ୟକ୍ତି, ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନ ମାଡ଼ି ବସିଥିବା ଅଭିଯୋଗ ହୋଇଛି। ଏ ନେଇ ଦେବୋ□ର ବିଭାଗ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ରାଜରାଜୁଡ଼ା ସମୟରୁ ଏହି ମନ୍ଦିର ସ୍ଥାପନ କରାଯାଇଛି। ବର୍ତ୍ତମାନ ମନ୍ଦିରଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ବାର୍ଷିକ ଆୟ ଦିନକୁ ଦିନ କମିବାକୁ ଲାଗିଲାଣି। ରେକର୍ଡପତ୍ରରେ ଜିଲ୍ଲାରେ ମହାପ୍ରଭୁଙ୍କର ୨୭୦ ଏକର ଜମି ରହିଥିବା ଜଣାପଡ଼ିଛି। ମାତ୍ର ଏହି ଜମି ଜିଲ୍ଲାର କେଉଁ କେଉଁ ବ୍ଲକ୍ରେ ରହିଛି, ବର୍ତ୍ତମାନ ଦେବୋ□ର ବିଭାଗ ନିକଟରେ ଏହାର ହିସାବ ନାହିଁ। କେବଳ ଓଡ଼ଗାଁ ବ୍ଲକ୍ର ସାକିରି ମୌଜାରେ ୬୦ ଏକର ଜମି ରହିଥିବା ଜଣାପଡ଼ିଥିବା ବେଳେ ନୟାଗଡ଼ରେ ୧୦ ଏକର ଜମି ରହିଛି। ଏହା ପରେ ନୟାଗଡ଼ ସ୍ୱୟଂଶାସିତ କଲେଜ ୧୦ ଏକର ଜମି ମାଡ଼ି ବସିଥିବା ବେଳେ ଜାଗା ମିସନ ନାଁରେ ପୌର ପ୍ରଶାସନ ମଧ୍ୟ ୨୫ ଡେସିମାଲ୍ ଜାଗା



ଜବରଦଖଲରେ ରଖିଛ। ଏ ନେଇ ଦେବୋ□ର ବିଭାଗ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟରେ ମାମଲା ବିଚାରାଧୀନ ରହିଛି ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି। ମନ୍ଦିରରେ ବର୍ତ୍ତମାନ ଅବଢ଼ା ପ୍ରସ୍ତୁତିକୁ ବନ୍ଦ କରି ଦିଆଯାଇଛି। ଅବଢ଼ା ବିକ୍ରିକୁ ନେଇ ବହୁ ବାଦବିବାଦ ଲାଗି ରହିଥିଲା। ଏଣୁ ଏଠାରୁ ଆସୁଥିବା ଆୟ ମଧ୍ୟ ବନ୍ଦ ହୋଇଯାଇଛି। କାଠ କିଣିବା ପାଇଁ ୬ ଲକ୍ଷ ଓ ଗହଣା ମରାମତି ନିମେନ୍ତ ଆବଶ୍ୟକ ହେଉଥିବା ୭ ଲକ୍ଷ ଯୋଗାଡ଼ କରିବା ପାଇଁ ଦେବୋ□ର ବିଭାଗକୁ ବହୁ କସରତ କରିବାକୁ ପଡ଼ିଥିଲା। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏ ନେଇ ସହଯୋଗର ହାତ ବଢ଼ାଇବା ପରେ ଗହଣା ମରାମତି ସମସ୍ୟାର ସମାଧାନ ହୋଇଛି ଓ ଏଥର ସୁନାବେଶ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛ। ମାତ୍ର ମହାପ୍ରଭୁଙ୍କର ଯେତିକି ଜମି ରହିଛି, ତାହା ସୁବ୍ୟବସ୍ଥିତ ହୋଇପାରିଲେ ବୋଧହୁଏ ଏମିତି ସମସ୍ୟା ଆଉ ସୃଷ୍ଟି ହେବ ନାହିଁ ବୋଲି ଶ୍ରଦ୍ଧାଳୁମାନେ ମତ ଦେଇଛନ୍ତି। ଏନେଇ ଦେବୋ□ର ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜମି ଗୁଡ଼ିକ ସଂକ୍ରାନ୍ତରେ ରଥଯାତ୍ରା ପରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ। ବର୍ତ୍ତମାନ କେତୋଟି ମାମଲା ବିଭାଗ ନଜରକୁ ଆସିବା ପରେ କୋର୍ଟଙ୍କ ଦ୍ୱାରସ୍ଥ ହେଉଛି। ଆଉ ଅବଢ଼ା ପ୍ରସ୍ତୁତ କରାଯାଉଥିବା ଘର ତିଆରି କରାଯାଇ ଛାତ ପଡ଼ିସାରିଲାଣି ଏହା ପରେ ଖୁବ୍ଶୀଘ୍ର ଟେଣ୍ଡର କରାଯାଇ ଅବଢ଼ା ପ୍ରସ୍ତୁତ ଆରମ୍ଭ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ କାର୍ଯ୍ୟ ଯେପରି ସୁବ୍ୟବସ୍ଥିତ ହୋଇପାରିବ ସେ ନେଇ ଦେବୋ□ର ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ।

# ରାସ୍ତା ନିର୍ମାଣ ଆଳରେ ଚାଷୀଙ୍କ ଜମିରେ ବାଇପାସ୍ ରାସ୍ତା

## ଚାଷୀ ପଡିଛନ୍ତି ହରଡ ଘଣାରେ

**କଳାହାଣ୍ଡି,(ମହାଭାରତ) :** ଜିଲ୍ଲାର ବହୁ ପ୍ରତିକ୍ଷିତ ଭବାନୀପାଟଣା ରୁ ରାୟଗଡା ଜିଲ୍ଲା ସୀମାନ୍ତ ଯାଏଁ ନିର୍ମାଣାଧୀନ ରାସ୍ତା ଯୋଗୁଁ ଏବେ ଚାଷୀ ହଇରାଣରେ ପଡିଥିବା ଅଭିଯୋଗ ହୋଇଛି । ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର - ଥୁ.ରାମପୁର - କାଶୀପୁର କୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ଏବେ ଚଉଡା କରାଯାଉଛି । ଏହି ଅଞ୍ଚଳ ବିଶେଷ କରି ବଣ ପାହାଡ଼ରେ ପରିପୂର୍ଣ୍ଣ । ରାସ୍ତା ଅତିକ୍ରମ କରି ଅନେକ ଛୋଟବଡ଼ ନଈ ନାଳ ବୋହି ଯାଉଛି । ପୂର୍ବରୁ ସେହି ସବୁ ନଈନାଳ ଉପରେ ଛୋଟବଡ କଲଭର୍ଟ ସବୁ ତିଆରି ହୋଇଥିଲା । କିନ୍ତୁ ଏବେ ରାସ୍ତା ଚଉଡ଼ା କରିବା ସହିତ ସେହି ସବୁ କଲଭର୍ଟ ମାନଙ୍କୁ ଭାଙ୍ଗି ଉଚ୍ଚ ପୋଲ




ସବୁ ନିର୍ମାଣ କରାଯାଉଛି । ତେଣୁ ପୋଲ ନିର୍ମାଣ ଶେଷ ହେବା ଯାଏଁ ପୋଲର ଉଭୟ ପାର୍ଶ୍ୱରେ ଥିବା ଜମି ମାଲିକ ମାନଙ୍କୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଯାନବାହାନର ଯାତାୟତ ନିମନ୍ତେ ୩/୪ ମାସ ପାଇଁ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଚାଷୀଙ୍କ ଠାରୁ ମୌଖିକ ଅନୁମତି ନେଇ ବାଇପାସ୍ ରାସ୍ତା ତିଆରି କରିଥିଲେ । ବର୍ତ୍ତମାନ ମୁଣ୍ଡ ଉପରେ ବର୍ଷା ଋତୁ ଓ ଖରିଫ ଚାଷ ପାଇଁ ଚାଷୀ ସଜବାଜ ହେଲେଣି । ହେଲେ ପୋଲ ନିର୍ମାଣ ଶେଷ ହେବାର ନାଁ ଧରୁ ନାହିଁ । ଏଭଳି ଏକ ସମସ୍ୟା ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବେନ୍ଦାଝୋଲା ନିକଟରେ ବୋହି ଯାଉଥିବା ଶିଆଁବେଡା ନାଳ ଉପରେ ଦେଖିବାକୁ ମିଳିଛି । ଏପଟେ ବାଇପାସ୍ ରାସ୍ତା ଯେମିତିକୁ ସେମିତି ଜମି ଉପରେ ଆସ୍ଥାନ ଜମାଇ ରହିଛି । ଫଳରେ ଚାଷୀମାନେ ଚାଷ କରିବାକୁ ଅସୁବିଧା ହେଉଛି । ଏଭଳି ପରିସ୍ଥିତିରେ ଚାଷୀ ନରସିଂହ ମାଝୀ,ହରି ମାଝୀ ଓ କାମେ ମାଝୀ ଠିକାଦାରଙ୍କୁ ବାରମ୍ବାର ବାଇପାସ୍ ରାସ୍ତା ହଟାଇବା ପାଇଁ କାକୁତି ମିନତୀ କରୁଥିଲେ ମଧ୍ୟ ଠିକାଦାର ଖାତିରି କରୁ ନାହାଁନ୍ତି । ବର୍ଷା ଦିନେ ଏହି ନାଳ ଦେଇ ଆଖପାଖ ପାହାଡ଼ରୁ ପ୍ରଖର ସ୍ରୋତରେ ଜଳ ପ୍ରବାହିତ ହେଉଥିବାର ଦେଖିବାକୁ ମିଳିଥାଏ । ଯଦି ଜଳ ତଳ ମୁଣ୍ଡକୁ ନ ଯିବ ତେବେ ଚାଷୀ ଚାଷ କରିବ କିପରି ? ଗୋଟିଏ ପଟେ ସର୍ବସାଧାରଣଙ୍କ ସୁବିଧା ପାଇଁ ନିରୀହ ଚାଷୀମାନେ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ସହମତ ହେଲେ କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ ବିଷୟ । ଯଦି ଏହାର ତୁରନ୍ତ ସମାଧାନ ନ କରାଯାଏ ତେବେ ଠିକାଦାର ଓ ବିଭାଗୀୟ ଅଧିକାରୀ ଚାଷୀଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି ।

# ବିଦ୍ୟୁତକାଟକୁ ନେଇ ଅସନ୍ତୋଷ ଉପଭୋକ୍ତା

## ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ ହନ୍ତସନ୍ତ

**ହିନ୍ଦୋଳ,(ମହାଭାରତ) :** ଥମିବାର ନାଁ ନେଉନି ବିଜୁଳି କାଟ । ଏନେଇ ଅସନ୍ତୋଷ ହେଉଛନ୍ତି ସାଧାରଣ ଜନତା । ପ୍ରତିଟି ଗାଁ ହେଉ ଅବା ସହର ଉତ୍ତମ ବିଦ୍ୟୁତ ସେବା ଯୋଗାଇଦେବା ନିମନ୍ତେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପର ନିର୍ମାଣ କରିଛନ୍ତି । ଯାହାଦ୍ୱାରା ଲୋକମାନେ ଉତ୍ତମ ବିଦ୍ୟୁତ ସେବା ପାଇପାରିବେ । କିନ୍ତୁ ହିନ୍ଦୋଳରେ ଏହି ସେବା ସମ୍ପୂର୍ଣ୍ଣ ରୂପେ ଫେଲ ମାରିଥିବା ଦେଖିବାକୁ ମିଳୁଛି । ବିଦ୍ୟୁତ ବିଭାଗର ଏଭଳି ମନମୁଖୀ ଶାସନ ନିମନ୍ତେ ବଳି ପଡୁଛନ୍ତି ନିରୀହ ଜନତା । ତେବେ ବିଜୁଳି କାଟକୁ ନେଇ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେତେବେଳେ ହାତୀ ଯୋଗୁଁ ବିଜୁଳି କାଟ କରାଯାଉଛି ତ ଆଉ କେତେବେଳେ ନୂଆ କେବୁଲ୍ ଭିଡା ଯାଉଛି ବୋଲି ଯନ୍ତ୍ରୀ କହୁଥିବା ବେଳେ ପ୍ରତି ମୁହୂର୍ତ୍ତରେ କିଛି ସମୟ ବିଦ୍ୟୁତ କାଟ କରାଯାଉଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉପଭୋକ୍ତା । ତେବେ ଖରାଦିନ




ଚାଲୁଥିବା ବେଳେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହିତ ଗୁଳୁଗୁଳି ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ବିଜୁଳି କାଟ ଲୋକମାନଙ୍କୁ ଅସହ୍ୟ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡୁଛି । ସେହିଭଳି ସନ୍ଧ୍ୟା ସମୟରେ ବାରମ୍ବାର ବିଜୁଳି କାଟ ପାଇଁ ଦୋକାନ ବଜାର ଶୁନଶାନ୍ ହୋଇ ପଡୁଥିବା ବେଳେ ଦୋକାନି ମାନଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଏନେଇ ଯଦି କୌଣସି ଉପଭୋକ୍ତା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରେ ତେବେ ଯନ୍ତ୍ରୀଙ୍କ ମୋବାଇଲ୍ ସୁଇଚ ଅଫ କରୁଥିବାର ଅଭିଯୋଗ ମଧ୍ୟ ଆସୁଛି । ତେବେ କେବେ ଏଭଳି ଅସୁବିଧାରୁ ବିଦ୍ୟୁତ ଉପଭୋକ୍ତାଙ୍କୁ ତ୍ରାହି ମିଳିବ ତାହା ଦେଖିବାକୁ ବାକି ରହିଲା ।

# ବିଧାୟକଙ୍କ ସମେତ ବ୍ଲକ କର୍ମଚାରୀଙ୍କୁ ନେଇ ଯୋଗ ଦିବସ ପାଳିତ



ଆଜି ହେଉଛି ବିଶ୍ୱ ଯୋଗ ଦିବସ । ଏହି ଦିବସ ଟିକୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିବସ ବୋଲି ବିବେଚନା କରିଛନ୍ତି । ନିଜେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଆଜି ସୁଦୂର କାଶ୍ମୀର ରେ ଯୋଗ କରୁଥିବା ବେଳେ ସାରା ରାଜ୍ୟରେ ଯୋଗ ଦିବସ ଖୁବ୍ ଆଗ୍ରହ ସହକାରେ ପାଳନ କରାଯାଇଛି । ସେହି କ୍ରମ ରେ ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ବିଡ଼ିଓ ସୌମ୍ୟା ଶ୍ରୀ ପାଣିଗ୍ରାହୀ, ତହସିଲଦାର ହବିଲ୍ ଖା ଖା, ଯୋଗ ଗୁରୁ ଭାବରେ ସଂଯୁକ୍ତା ସାହୁ ଙ୍କ ଦ୍ୱାରା ବିଭିନ୍ନ ଯୋଗ ଶିକ୍ଷା ପ୍ରଦାନ କରାଯାଇ ଥିଲା । ଏଥିରେ ବ୍ଲକ ର ସମସ୍ତ କର୍ମଚାରୀ ଓ ସରପଂଚ ସଭ୍ୟ ମାନେ ଉପସ୍ଥିତ ରହିଥିଲେ । ଏହାକୁ ନିୟମିତ ଭାବେ କରିବାକୁ ସମସ୍ତେ ଶପଥ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ରେ କୃତି ପ୍ରତିଯୋଗୀ ମାନଙ୍କ ମଧ୍ୟରେ କନିଷ୍ଠ ବରିଷ୍ଠ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । କନିଷ୍ଠ ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ରଘୁନାଥ ହାସଦା, ବରିଷ୍ଠ ବର୍ଗ ରେ ପ୍ରଥମ ସ୍ଥାନ ସାମ୍ବାଦିକ ବିଭୂତି ଭୂଷଣ ଜେନା, ଦ୍ୱିତୀୟ ରେ ଶାଶ୍ୱତ ରଞ୍ଜନ ଦାସ, ତୃତୀୟ ରେ ସାମ୍ବାଦିକ ସଞ୍ଜୀବ କୁମାର ମହାନ୍ତି, ବକ୍ତୃତା ରେ କନିଷ୍ଠ ବର୍ଗ ରେ ସ୍ୱସ୍ତି ଶୁଭଙ୍କର ସ୍ୱାଇଁ, ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶୁଭ୍ରାଂଶୁ ଶେଖର ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରି ପରିସ୍କୃତ ହୋଇଥଲା ବେଳେ ବରିଷ୍ଠ ବକ୍ତୃତା ବର୍ଗରେ ଜୀବନ ରାଉତ ପ୍ରଥମ ସ୍ଥାନ ଓ ବିଭୂତି ଭୂଷଣ ଜେନା ଦ୍ୱିତୀୟ ସ୍ଥାନ ନିରଞ୍ଜନ ବାରିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ବେଳେ ସାନ୍ତ୍ୱନା ମୂଳକ ଭାବେ ରଞ୍ଜନ କୁମାର ଭୂୟାଁ ପୁରସ୍କୃତ କରାଯାଇଥିଲା ।ପ୍ରବନ୍ଧ ରଚନା ନିରଞ୍ଜନ ବାରିକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସଞ୍ଜୀବ କୁମାର ମହାନ୍ତି ଦ୍ୱିତୀୟ ସ୍ଥାନ ପ୍ରଶାନ୍ତ କୁମାର ସେଠୀ ତୃତୀୟ ସ୍ଥାନ ଅଧିକାର ଗ୍ରହଣ କରି ପୁରସ୍କୃତ ଗ୍ରହଣ କରିଥିଲେ । ଶେଷରେ ହାଟଡିହି ତହସିଲଦାର ହବିଲ ଖା ଖା ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ତୁରୁମୁଙ୍ଗା ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ



କେନ୍ଦୁଝର :-(ମହାଭାରତ)କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟ ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇ ଛି । ମହା ବିଦ୍ୟାଳୟ ର ଅଧକ୍ଷ ତ୍ରିଲୋକ୍ୟ କୁମାର ପରିଡା ଙ୍କ ନେତୃତ୍ୱରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗାଦାନ କରି ଯୋଗ ର ବିଶେଷତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନ ଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଭାବେ ଦଧିବାମନ ଉଚ୍ଚ ମାଧମ ବିଦ୍ୟାଳୟ ଅଧକ୍ଷ ଅଶ୍ୱସ୍ଥମା ଗିରି,ପତଞ୍ଜଳି ଯୋଗ ସମିତି କେନ୍ଦୁଝର ଭାରତ ସଭିମାନ ପ୍ରଭାରୀ ଡ଼ମ୍ବରୁଧର ମହାନ୍ତ,ତୁରୁମୁଙ୍ଗା ଉପସ୍ୱାସ୍ଥ୍ୟ କେନ୍ଦ୍ର ଡକ୍ଟର ସୁବାସ ଚନ୍ଦ୍ର କର ,ବିଶିଷ୍ଟ ଯୋଗ ପ୍ରଶିକ୍ଷିକ ହରିହର ମହାନ୍ତ,ମହାବିଦ୍ୟାଳୟ ପୂର୍ବତନ ସଂପାଦକ ପ୍ରତାପ ସାହୁ,ଭାରତ ସରକାର କ୍ଷେତ୍ର ପ୍ରଚାର ଅଧିକାରୀ ପ୍ରାର୍ଥସାରଥୀ ମଲ୍ଲିକ ଯୋଗଦାନ କରିଥିଲେ । ଏହି ଯୋଗ କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ର ଅଧାପକ/ଅଧାପିକା ମାନେ ଉପସ୍ଥିତ ଥିଲେ ।


# ଟ୍ରକ୍ ତଳେ ଶୋଇଥିବା ବେଳେ ଉଡ଼ିଗଲା ଡ୍ରାଇଭରଙ୍କ ପ୍ରାଣବାୟୁ

**ବାଲିଗୁଡ଼ା,(ମହାଭାରତ) :** ଟ୍ରକ୍ ତଳେ ଶୋଇଥିବା ବେଳେ ଉଡ଼ିଗଲା ପ୍ରାଣବାୟୁ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଘଟିଛି ଏଭଳି ଘଟଣା । ପାଞ୍ଚ ଦିନ ହେବ ରାସ୍ତା ଡ୍ରାଇଭର । ମୃତ ଟ୍ରକ୍ ବାଲିପାଟଣା ଥାନା ହୋଇଥିବା ସୂଚନା ମିଳିଛି ଜଣକ ଟ୍ରକ୍ ନଂ -



ଅଧୀନସ୍ଥ ବୁଢ଼ାନଈ ନିକଟରେ ଟ୍ରକର ଯାନ୍ତ୍ରିକ ତ୍ରୁଟି ଯୋଗୁଁ କଡ଼ରେ ଗାଡ଼ି ରଖି ଜଗିଥିଲେ ଡ୍ରାଇଭର ଖୋର୍ଦ୍ଧା ଜିଲ୍ଲା ଅଞ୍ଚଳର ଚିତ୍ତରଞ୍ଜନ ବସ୍ତିଆ । ସୂଚନା ପ୍ରକାରେ ଡ୍ରାଇଭର ଙଉ୦୫ତ ୦୩୦୬ ଟ୍ରକରେ ଏକ ଏଚ୍ ଡ଼ିଡ଼ି ମେସିନ୍ ନେଇ ପାରିଗଡ଼ରୁ ଫୁଲବାଣୀ ଅଭିମୁଖେ ଯାଉଥିବା ବେଳେ ବାଲିଗୁଡ଼ା ଥାନା ବୁଢ଼ାନଈ ନିକଟରେ ଟ୍ରକଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ମରାମତି କରିବାପାଇଁ ଗାଡ଼ି ଅଟକାଇ ଡ୍ରାଇଭର ଜଣକ ପାଞ୍ଚଦିନ ହେବ ରାସ୍ତା କଡ଼ରେ ଗାଡ଼ିକୁ ଜଗି ରହିଥିଲେ । ଆଜି ଅପରାହ୍ନରେ ଗାଡ଼ି ତଳେ ଶୋଇଥିବା ଡ୍ରାଇଭର ଦୀର୍ଘ ସମୟଧରି ନ ଉଠିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ଏନେଇ ବାଲିଗୁଡ଼ା ଥାନା ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଖବରପାଇ ଘଟଣାସ୍ଥଳରେ ବାଲିଗୁଡ଼ା ଥାନା ପୋଲିସ୍ ପହଁଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ବ୍ୟବଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି । ତେବେ ସମ୍ପୃକ୍ତ ଡ୍ରାଇଭର ଜଣଙ୍କର ମୃତ୍ୟୁ କିଭଳି ଘଟିଲା ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ ।

# ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି ।ଏହି ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଭିଷେକ କରାଯାଏ ।ଭୋର ରାତି ୩ଟାରୁ ଦୁଆର ଖୋଲା ହେଲା ପରେ ଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବା ପରେ ମହାପ୍ରଭୁଙ୍କ ମୈଲମ୍ ଆରତୀ ବାଲ୍ୟ ଧୂପ,ରାଜ ଧୂପ ସମ୍ପୂର୍ଣ୍ଣ ସରିବା ପରେ ପୁନର୍ବାର ମୈଲମ ହେଲା ଚାମର ନିତୀ ସମ୍ପର୍ଣ୍ଣ ହେଲା ପରେ ଦୁବ ଚାଉଳ ଅର୍ଘ୍ୟ କରାହୋଇ ମହାପ୍ରଭୁଙ୍କୁ ରତ୍ନସିଂହାସନରୁ ତଳକୁ ବିଜେ କରାହେଲା ତାପରେ ସମସ୍ତ ସେବକ ମିଶି ପାଟ କର୍ପୂର କପଡା ସହିତ ମହାପ୍ରଭୁ ଙ୍କୁ ସ୍ନାନବେଦୀ ଉପରକୁ ପହଣ୍ଡି ବିଜେ କରାଯାଇଥିଲା । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନବେଦୀ ଉପରେ ବିଜେକରାଇ ଦକ୍ଷିଣା ବର୍ତ୍ତି ଆଳତୀ କରାଯାଇ ୧୦୮ ଗରା ଓ ୧୦୮ ପଇଡ଼ ପାଣିରେ ଠାକୁରଙ୍କୁ ସ୍ନାନ କରାଇଥିଲେ । ଦିନ ୨ ଟା ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ କରାଯିବ ବୋଲି ପୂଜକଙ୍କ ପକ୍ଷରୁ କୁହାଯାଇଛି । ଏହି ଦେବ ସ୍ନାନ ନୀତି ଓ ଠାକୁରଙ୍କ ଗଜାନନ ବେଶ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସକାଶେ ପୋଲିସ ମୃତୟନ କରାଯାଇଛି ।

# ଆସିକାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



**ଆସିକା,(ମହାଭାରତ) :** ପ୍ରତିବର୍ଷ ଭଳି ଚଳିତ ବର୍ଷ ଅର୍ଥାତ ଜ୍ୟାଷ୍ଠ ଶୁକ୍ଳ ପୁର୍ଣିମା ଦିନ ମହାପ୍ରଭୁ ଜଗନ୍ନାଥ ଙ୍କ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ପାଳିତ ହୋଇଥାଏ । ଆଜି ଏହି ଅ୍ୱସର ରେ ଆସିକା ତଥା ଏହାର ଆଖ ପାଖ ଅଞ୍ଚଳର ସମସ୍ତ ଜଗନ୍ନାଥ ମନ୍ଦିର ରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଛି । ଆଜି ପ୍ରାତଃ ସମୟରୁ ମନ୍ଦିର ରେ ଦ୍ୱାର ପୂଜା, ଅବକାଶ, ମଇଲମ, ତଡପଲାଗି, ବାଳ ଭୋଗ, ମଙ୍ଗଳଆରତୀ, ପରେ ଚତୁର୍ଦ୍ଧା ବିଗ୍ରହ କୁ ସ୍ନାନ ବେଦିକୁ ଧାଡି ପହଣ୍ଡି ଅନୁସାରେ ବିଜେ କରା ଯାଇଥିଲା କ୍ଷ ପଣ୍ଡିତ, ପଣ୍ଡା ସେବକ ମାନଙ୍କ ଦ୍ୱାରା ପୂଜା ନୀତି ଅନୁସାରେ ୧୦୮ କଳସ ଜଳ ଙ୍କୁ ସ୍ନାନ କରାଯାଇଥିଲା । ଏହି ସ୍ନାନ କାର୍ଯ୍ୟକ୍ରମରେ ଚିତରଞ୍ଜନ ଦାଶ, କୈଳାଶ ଚନ୍ଦ୍ର ଦାଶ, ନୀଳମାଧ୍ୱ ଦାଶ, ଉପେନ୍ଦ୍ର ଦାଶ, ଉଲ୍ଲୁ ଦାଶ, ନରସିଂହ ପଣ୍ଡା, ନୀଳମଣି ପଣ୍ଡା, କାହ୍ନୁ ପଣ୍ଡା,ସୁବାଷ ଦାଶ ସମେତ ଅନେକ ପଣ୍ଡା, ପୂଜାରୀ, ଉପସ୍ଥିତ ଥିଲେ । ସ୍ନାନ କାଯ୍ୟକ୍ରମ ଶେଷ ହେବା ପରେ ଚତୁର୍ଦ୍ଧା ବିଗ୍ରହକୁ ହାତୀବେଶରେ ସୁ ସଜ୍ଜିତ କରାଯାଇଥିଲା ।

# ଗଜାନନ ବେସରେ ଚତୁର୍ଦ୍ଧକ୍ଷ ମୂର୍ତ୍ତି



**ବିଷମ କଟକ,(ମହାଭାରତ) :** ମହା ପ୍ରଭୁ ଜଗନ୍ନାଥ ଙ୍କ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି । ରାୟଗଡ଼ ଜିଲ୍ଲା ବିଷମ କଟକର ପୁରାତନ ଜଗନ୍ନାଥ ମନ୍ଦିରରେ ପାଳିତ ହେଲା ଦେବ ସ୍ନାନ ପୂର୍ଣ୍ଣିମା । ସକାଳର ସମସ୍ତ ରିତି କାନ୍ତି ପରେ ଶ୍ରୀଜୀଉ କୁ ରତ୍ନ ମଣ୍ଡପ ରୁ ସ୍ନାନ ମଣ୍ଡପ କୁ ପଣ୍ଡା ମାନେ ଧାଡ଼ି ପହଣ୍ଡି କରି ନେଇଥିଲେ । ୧୦୮ ସୁବାସିତ କଳସ ଜଳ ରେ ଶ୍ରୀ ଜିଉ ଙ୍କୁ ସ୍ନାନ କରେଇଥିଲେ । ସମସ୍ତ ରୀତି ନିତି ଓ ଆଳତୀ ପରେ ପ୍ରଭୁ ଭକ୍ତ ମାନକୁ ଗଜାନନ ବେଶରେ ଦର୍ସନ ଦେଇଥିଲେ । ମନ୍ଦିର ପୂଜକ ଜିତୁ ରଥ, ଶିବରାମ ରଥ, ରାମ ରଥ, କେଶବ ରଥ, ସପନ ରଥ, ବାବୁଲି ଆଚାର୍ଯ୍ୟ, ବାସୁଦେବ ହୋତା, ଟୁନା ପାଳ, ପ୍ରମୁଖ ପୂଜା କାର୍ଯ୍ୟ ରେ ସାହାଯ୍ୟ କରିଥିଲେ । ଆଇନ ଶ୍ରୁଖଳକ୍ଷ କୁ ଦୃଷ୍ଟି ରେ ରଖି ବିଷମ କଟକ ପୋଲିସ ମୁତୟନ ଥିଲେ । ମନ୍ଦିର ପରି ଚାଳନା କମିଟି ଓ ତହସିଲ ର କର୍ମ ଚାରି ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

# ବଞ୍ଚୋ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳନ



**ହାଟଡିହି,(ମହାଭାରତ) :** ଶନିବାର ଦିନ ସ୍ନାନ ପୂର୍ଣ୍ଣିମା ଅବସର ରେ ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ପଞ୍ଚାୟତର ଶ୍ରୀ ଶ୍ରୀ ଦଧିବାମନ ଜୀଉ ବିଗ୍ରହ ରେ ସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି । ଏଥିରେ ବଞ୍ଚୋ ମନ୍ଦିର ର ପୂଜକ ସନାତନ ପଣ୍ଡା ମୁଖ୍ୟ ପୂଜକ ଭାବରେ ରହିଥିବା ବେଳେ, ପୂଜକ ଆନନ୍ଦ ଦାସ, ଅର୍ଜୁନ ପାଢ଼ୀ, ନନ୍ଦକିଶୋର ଦାସ, କନ୍ଦିଆ ଦାସ, ସନ୍ତୋଷ ପଣ୍ଡା, ସୌମ୍ୟ ରଂଜନ ପଣ୍ଡା, ଠାକୁର ଙ୍କୁ ବେଶ କରିଥିବା ବେଳେ ଭଜନ କୀର୍ତ୍ତନ ରେ ଯୁଧିଷ୍ଠିର ରାଉତ, ଚିନ୍ତା ମଣି ବରାଳ, ବନମାଳୀ ବରାଳ ତୁଲାଇଥିଲେ । ଏଥିରେ ମୁଖ୍ୟ ଦାୟିତ୍ୱ ଭାବରେ ରାଜ କର୍ମ ଭାବରେ ଚିନ୍ତାମଣି ରାଉତ, ସବୁ ଦାୟିତ୍ୱ ତୁଲାଇ ଥିବା ବେଳେ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ସୁଧାଂଶୁ ରାଉତ, ରତିକାନ୍ତ ରାଉତ, ଓ ଶଶାଙ୍କ ଶେଖର ପୁହାଣ ଙ୍କ ସହ ଗ୍ରାମବାସୀ ମାନେ ସହୋଜୋଗ କରିଥିଲେ ।

# ଅବକାରୀ ବିଭାଗ ପକ୍ଷରୁ ଆସିକାର ବିଭିନ୍ନ ମଦଭାଟିରେ ଚଢ଼ଉ

**ଆସିକା,(ମହାଭାରତ) :** ଗଞ୍ଜାମ ଜିଲ୍ଲା ଅବକାରୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଅଂଚଳର ବିଭିନ୍ନ ଦେଶୀ ମଦଭାଟି ଉପରେ ଅବକାରୀ ବିଭାଗର ଚଢ଼ାଉ । ଆଜି ସକାଳୁ ଆସିକା ଅବକାରୀ ଥାନା ଅଧୀନ ପାକଲାପଲ୍ଲୀ, ଜଗନ୍ନାଥ ପଲ୍ଲୀ, ଠେଙ୍ଗାପଲ୍ଲୀ, କରାତଳି, ସନ୍ତୋଷୀ ମା ମନ୍ଦିର ନିକଟମେରାଟୀ ବସା , ରାଜସ୍ୱ ଡାକବଙ୍ଗଳା ନିକଟରେ ଥିବା ଏରଗୋଲା ବସ୍ତି ଅଞ୍ଚଳରେ ଅଚାନକ ଚଢ଼ାଓ କରି ଏହି ସ୍ଥାନରୁ ୨୨୦୦ ଲିଟର ପୋଚ ନଷ୍ଟ କରିବା ସହ ୧୦୪ ଲିଟର ଦେଶୀ ମଦ ଜବତ ସହ ୩୫୦ ଲିଟର ଦେଶୀ ନଷ୍ଟ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ବେଆଇନ ଦେଶୀ ମଦ ତିଆରି ଏବଂ ବିକ୍ରିକୁ




ନେଇ ୦୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ମାନେ ହେଲେ ଏମ ରାଇତୁ,ବିଜୟ କୁମାର,ଏମ. ଗୋରାଇ,ଏମ ରାମୁ,ଏ. ଶଙ୍କର,ନିମାଇଁ ଦାଶ କୁ ଗିରଫ କରାଯାଇଛି ବୋଲ ପ୍ରକାଶ କରିଛନ୍ତି । ଏହି ଚଢ଼ାଉରେ ଆସିକା ଅବକାରୀ ଦାୟିତ୍ୱରେ ଥିବା ଅଧିକାରୀ ରବୀନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ସିଦ୍ଧନାଥ ବିଷୋୟୀ,ସୁଜୀତ କୁମାର ସାହୁ,ଅର୍ଜୁନ କୁମାର ସ୍ୱାଇଁ,ଅମିତ କୁମାର ଗମାଙ୍ଗ ।

# ଜରିପାଲ ତଳେ ଜଳିଲା ଯୁଇ

**ବାଲିପାଟଣା,(ମହାଭାରତ) :** ବର୍ଷ ବର୍ଷ ଧରି ସରକାର,ପ୍ରଶାସକ ଓ ବାଲିପାଟଣା ବ୍ଲକ ପମ୍ପାଲ ପଞ୍ଚାୟତ ର ନିର୍ବାଚିତ ଜନ ପ୍ରତିନିଧି ଙ୍କ ଅପାରଗତା ଓ ଅଯୋଗ୍ୟ କାରଣରୁ କୁଳନ୍ତିରା ଗାଁ ସ୍ମଶାନ ର ଦୂରାବସ୍ଥା ଦୂର ହେଉ ନଥିବାରୁ ଶବ ସତ୍କାର ବେଳେ ଗ୍ରାମବାସୀ ମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ! ବିଗତବର୍ଷ କୁଳନ୍ତିରା ଶାସନ ଗ୍ରାମର ପୂର୍ଣ୍ଣିମା ବେହେରା ଙ୍କ ଶବ ସତ୍କାର ବେଳେ ପ୍ରବଳ ବର୍ଷା ହେବାରୁ ଜୁଇ ଉପରେ ଜରିପାଲ ଟାଣି ଶବଦାହ କରାଯାଇଥିଲା ଓ ଏହି ଘଟଣାକୁ ବାରମ୍ବାର ବିଭିନ୍ନ ଗଣ ମାଧମରେ ପ୍ରଚାର ପ୍ରସାର କରାଯାଇଥିଲେ ବି କିଛି ଫରକ୍ ପଡ଼ିନଥିଲା ! ପୁଣିଗତ ବର୍ଷଆଉ ଏକ ଅନୁରୂପ ଘଟଣା ସେହି କୁଳନ୍ତିରା ଗ୍ରାମ ରେ ଘଟି ଯାଇଥିଲା ! କୁଳନ୍ତିରାଗ୍ରାମ ର ରମାକାନ୍ତ ଭୋଇଙ୍କ ପତ୍ନୀ ନନ୍ଦିନୀ ଭୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲାବେଳେ ନନ୍ଦିନୀ ଙ୍କ ର ମୃତ୍ୟୁ ଘଟିଥିଲା ! ପରିବାର ସଦସ୍ୟ ମାନେ ହସ୍ପିଟାଲ ରୁ ମୃତଦେହ ଆଣି ସନ୍ଧ୍ୟାରେ ଗାଁ ରେ ପହଞ୍ଚି ଦକ୍ଷିଣୀ ପଡ଼ା ପୋଖରୀ ଉପରେ ଥିବା ଗାଁ ସ୍ମଶାନ ଟି ବଣ ଜଙ୍ଗଲ ରେ ପରିପୂର୍ଣ୍ଣ ହେଇଥିବାବେଳେ ଆତ୍ମୀୟ ମାନେ ତୁରନ୍ତ ତରବରିଆ ଭାବେ ସଫାକରି ଶବଦାହ କରିବାକୁ ଯାଉଥିବା ସମୟରେ ପ୍ରବଳ ବର୍ଷା ପବନ ହୋଇଥିଲା ତେଣୁ ଜୁଇ ଉପରେ ଜରିପାଲ ଟାଣି ଶବଦାହ କରାଯାଇଥିଲା ! ପୁଣି ସେମିତି ଆଉ ଏକ ଅନୁରୂପ ଘଟଣା ଗତ କାଲି ଘଟି ଯାଇଚି ! କୁଳନ୍ତିରା ବାଗିଲ ଗ୍ରାମର ବେଣୁଧର ଭୋଳ ଙ୍କ ପତ୍ନୀ ପ୍ରମିଳା ଭୋଳ (୫୮)ବର୍ଷ ଙ୍କର ହୃଦଘାତରେ ପରଲୋକ ହୋଇ ଯାଇଥିଲା ! ପରିବାର ଲୋକ ମାନେ ଅଠାନ୍ତର ଓ ପରେ କ୍ୟାପିଟାଲ ହସ୍ପିଟାଲ ନେଇ ଥିଲେ ମଧ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ !ପରେ ଶବ ବ୍ୟବଚ୍ଛେଦ କରାଯାଇ ଗ୍ରାମ ମଶାଣି କୁ ନେଇ ଥିଲେ !ପ୍ରାୟ ଶରୀର ଅଧାରୁ ଅଧିକ ପୋଡ଼ି ଯାଇଥିବା ବେଳେ ହଠାତ୍ ବର୍ଷା ,ଘଡଘଡି ପ୍ରବଳ ଜୋରରେ ହୋଇ ଥିଲା ! ଶେଷରେ ଅନ୍ୟ ଉପାୟ ନପାଇ ଗ୍ରାମବାସୀ ଓ ପରିବାର ସଦସ୍ୟ ଜରିପାଲ ଟାଣି ଶବ ଦାହ କରିଥିଲେ ! ! ସୂଚନା ଅଧିକାର ତଥ୍ୟ ଅନୁଯାୟୀ ଏହି ପଞ୍ଚାୟତ ରେ ଗାଡିଆ




ଖୋଳା ରେ ପ୍ରାୟ ଦୁଇ କୋଟି ରୁ ଉର୍ଦ୍ଧ୍ୱ ଓ ସୋଲାର ଲାଇଟ ରେ ପ୍ରାୟ କୋଡିଏ ଲକ୍ଷ୍ୟ ରୁ ଉର୍ଦ୍ଧ ଓ ରାସନ୍ ସାମଗ୍ରୀ ଠାରୁ ଅନ୍ୟାନ୍ୟ ଦୁର୍ନୀତି ବୁଡି ରହିଛି ପାମ୍ପାଲ ପଞ୍ଚାୟତ ! !ଏହି ପଞ୍ଚାୟତ ରେ କୁଆଡେ ନିର୍ଦ୍ଧିଷ୍ଟ ଏକ ଫାର୍ମ ହାଉସ ର ନିର୍ଦ୍ଦେଶ ରେ ଚାଲିଚି ଆଉ ସେଥି ପାଇଁ ଦୁର୍ନୀତି ବଢ଼ି ଚାଲିଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି !ଗ୍ରାମବାସୀ ମାନଙ୍କ ର କହିବା କଥା ଗାଁ ସ୍ମଶାନ ର ଉନ୍ନତି ପାଇଁ ଆମେ ବ୍ଲକ ଓ ପଞ୍ଚାୟତ ରେ ବାରମ୍ବାର ଅଭିଯୋଗ କରିଥିଲେ ବି ସୁଫଳ ମିଳୁନି ! ଜୁଇ ଉପରେ ଜରିପାଲ ଟାଣି ଶବଦାହ କରିବା ଆମର ପୁରୁଣା ଅଭ୍ୟାସ ବୋଲି ଗତକାଲି ଶବଦାହ କରୁଥିବା କିଛି ପୁରୁଖା ଅକ୍ଷୟ ଭୋଳ,ଶଙ୍କର ଭୋଳ,ରବୀନ୍ଦ୍ର ଭୋଳ,ଗଙ୍ଗାଧର ଭୋଳ, ପ୍ରିୟଞ୍ଜନ ସ୍ୱାଇଁ, ପିଙ୍କୁଭୋଳ,ପ୍ରତାପ ସ୍ୱାଇଁ ଓ ଅନ୍ୟଗ୍ରାମବାସୀମାନେ କୋହଭରା କଣ୍ଠରେ କହିଛନ୍ତି ! ପ୍ରକାଶ ଥାଉ କି କିଛିଦିନ ତଳେ ଏହି ସ୍ମଶାନରେ ଆଉ ଏକ ଶବଦାହ କରାଯାଉଥିବା ବେଳେ ହଠାତ୍ ଜୋରେ ବର୍ଷା ,ପବନ ,ଘଡଘଡି ମାରିବାରୁ ଶବ କୁ ଦରପୋଡ଼ା ଛାଡି ଭୟରେ ପରିବାର ଲୋକେ ଚାଲି ଆସିଥିଲେ ଫଳ ରେ ପରେ ଦରପୋଡ଼ା ଶବ ବିଲୁଆ,କୁକୁର ଙ୍କ ମୁଁହ ରେ ପଡ଼ିଥିଲା ଯାହା ବଡ ଦୁଃଖ ଓ ପରିତାପ ର ବିଷୟ ! ଏଠି ଜଣେ ବରିଷ୍ଠ ନାଗରିକ ନିଜ ନାମ ଗୋପନ ରଖି କହିଛନ୍ତି ବାଲିପାଟଣା ବ୍ଲକଓ ପମ୍ପାଲ ପଞ୍ଚାୟତ ରେ ଅମ୍ରୁର୍ତ ସରୋବର ପୋଖରୀ ଓ ବୃକ୍ଷ ରୋପଣ ନା ରେ ନିମ୍ନ ମାନର କାମ କରି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଆତ୍ମସାତ କରାଯାଉଥିବା ବେଳେ ପ୍ରତି ଗାଁ ସ୍ମଶାନ ରେ ଗୋଟିଏ ଲେଖାଏଁ ମଶାଣି ଚୁଲା କରି ଲୋକଙ୍କ ସୁବିଧା କରିବାକୁ କିଏ ମନା କରୁଚି ଓ ସେ ନିଜେ ଏହି ବିଷୟରେ ନିର୍ବାଚିତ ଜନ ପ୍ରତିନିଧି ଙ୍କୁ ପଚାରି ବାରୁ ତାଙ୍କୁ ଉତ୍ତର ମିଳିଲା ଚର୍ତୁଦଶ ଅର୍ଥ କମିଶନ ରେ ଟଙ୍କା ନାହିଁ ଆସିଲେ ଦେଖିବା ? ଏବେ ଦେଖିବାକୁ ବାକି ଗଣ ମାଧମରେ ପ୍ରଚାର ପ୍ରସାର ପରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ନା ପୁଣି ସେଇ ଜରିପାଲ ଭରଷା ଦେଖିବାକୁ ବାକି ।

# ଡେଭିଡ୍‌ଙ୍କ ନାଁରେ ଯୋଗ ହେଲା ଡିସିପ୍ଲିନାରି ଡିମେରିଟ୍ ପଏଣ୍ଟ

ସେଣ୍ଟ ଲୁସିଆ, ୨୩।୬(ଏଜେନ୍ସି): ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସୁପର-୮ ଗ୍ରୁପ୍-୨ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ଆଇସିସି ଆଚରଣବିଧି ଧାରା-୧ର ଉଲ୍ଲଂଘନ କରିଥିବାରୁ ଭର୍ତ୍ସନା କରାଯିବା ସହ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି।

ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ ୨୪ ମାସରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ମିଲରଙ୍କ ଡିସିପ୍ଲିନାରି ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି।





ଦକ୍ଷିଣ ଆଫ୍ରିକା ଇନିଂସ୍‌ର ୧୯ତମ ଓଭରରେ ଏହି ଘଟଣା ଘଟିଥିଲା ମିଲର ପେସ୍ ବୋଲର ସାମ୍ କୁରାନଙ୍କ ଏକ ଫୁଲଟସ୍ ଖେଳୁଥିବା ବେଳେ ବଲଟି ଉଚ୍ଚା ଥିବାରୁ ଅମ୍ପାୟର ଏହାକୁ ନୋ ବଲ୍ ଦେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ହୋଇ ନ ଥିଲା ନିଷ୍ପତ୍ତିର ରିଭ୍ୟୁ ପାଇଁ ସେ ସଙ୍କେତ ଦେଇଥିଲେ ତାଙ୍କ କଥା ପ୍ରତି ଧ୍ୟାନ ଦିଆଯାଇ ନ ଥିଲା। ମିଲର ତାଙ୍କ ଦୋଷ ସ୍ୱୀକାର କରିବା ସହ ମ୍ୟାଚ୍ ରେଫରି ଜେଫ୍ କ୍ରୋଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା । ମିଲରଙ୍କ ବିରୋଧରେ ଫିଲ୍ଡ ଅମ୍ପାୟର କ୍ରିସ୍ ବ୍ରାଉନ୍ ଓ ଶାର୍ଫୁଦୋଲ୍ଲା ଇବ୍‌ନେ ଶାହିଦ, ତୃତୀୟ ଅମ୍ପାୟର ଜୋଏଲ ୱିଲସନ ଏବଂ ଚତୁର୍ଥ ଅମ୍ପାୟର କ୍ରିସ୍ ଗାଫାନି ପ୍ରମୁଖ ଅଭିଯୋଗ ଆଣିଥିଲେ।

# ଇତିହାସ ରଚିଲା ଆଫଗାନିସ୍ତାନ, ଅଷ୍ଟ୍ରେଲିଆକୁ ହରାଇଲା

କିଙ୍ଗସଷ୍ଟନ, ୨୩।୬(ଏଜେନ୍ସି): ଟି୨୦ ବିଶ୍ୱକପ୍ ୨୦୨୪ରେ ଇତିହାସ ରଚିଛି ଆଫଗାନିସ୍ତାନ ଦଳ। ଅଷ୍ଟ୍ରେଲିଆକୁ ପରାସ୍ତ କରିଛି ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି ଆଫଗାନିସ୍ତାନ।

ଚଳିତ ଟି୨୦ ବିଶ୍ୱକପ୍‌ର ସୁପର ୮ ମୁକାବିଲାର ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ୬ ୱିକେଟ୍ ହରାଇ ୧୪୮ ରନ୍ କରିଥିଲା। ୧୪୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୧୨୭ ରନ୍‌ରେ ଅଟକି ଯାଇଥିଲା। ଫଳରେ ଦଳ ଆଫଗାନିସ୍ତାନଠାରୁ ୨୧ ରନ୍‌ରେ ପରାସ୍ତ ହୋଇଛି।

ଅଷ୍ଟ୍ରେଲିଆ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନର ପ୍ରଥମ ୱିକେଟ୍ ପଡ଼ିଥିଲା ୧୫.୫ ଓଭରରେ ଆଉଟ୍ ହୋଇଥିଲେ ରହମାନୁଲ୍ଲାହ ଗୁରବାଜ। ତେବେ ସେତେବେଳକୁ ସେ ୬୦ ରନ୍ କରିସାରିଥିଲେ। ଓପନର ରହମାନୁଲ୍ଲାହ ୪୯ଟି ବଲ୍‌ରୁ ୪ଟି ଚୌକା ଓ ୪ଟି ଛକା ବଳରେ ୬୦ ରନ୍ କରିଥିଲେ। ରହମାନୁଲ୍ଲାହ ଓ ଇବ୍ରାହିମ ଜାଦରାନଙ୍କ ମଧ୍ୟରେ ପ୍ରଥମ ୱିକେଟ ପାଇଁ ୧୧୮ ରନ୍‌ର ପାର୍ଟନରଶିପ ହୋଇଥିଲା। ରହମାନୁଲ୍ଲାହ ଆଉଟ୍ ହେବା ପରେ





ଦଳର ଗୋଟିଏ ପରେ ଗୋଟିଏ ୱିକେଟ୍ ପଡ଼ି ଚାଲିଲା। ଇବ୍ରାହିମ ଜାଦରାନ ୫୧ ରନ୍ (୪୮ ବଲ୍, ୬ ଚୌକା) କରି ଆଉଟ୍ ହୋଇଥିଲେ ନିର୍ଦ୍ଧାରିତ ୨୦ ଓଭରରେ ଦଳ ୬ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା।

ଅଷ୍ଟ୍ରେଲିଆକୁ ଦେଖିଲେ ଆଫଗାନିସ୍ତାନ ସେମିତି କିଛି ବଡ଼ ସ୍କୋର କରି ନଥିଲା। ଅଷ୍ଟ୍ରେଲିଆ ପାଇଁ ଏହି ବିଜୟ ଲକ୍ଷ୍ୟ ବେଶ୍ ସହଜ ହେବ ବୋଲି ମନେ ହେଉଥିଲେ। କିନ୍ତୁ ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରିଦେଲେ। ଆଫଗାନିସ୍ତାନ ବୋଲର ସେମାନେ ଅଷ୍ଟ୍ରେଲିଆକୁ ପୂରା ୨୦ ଓଭର ଖେଳିବାକୁ ଦେଇ ନଥିଲେ ୧୯.୨ ଓଭରରେ ଅଷ୍ଟ୍ରେଲିଆ ଅଲଆଉଟ୍ ହୋଇଯାଇଥିଲା ଓ ବିଜୟ ଲକ୍ଷ୍ୟ ପୂରଣ କରିପାରି ନଥିଲା।

ପ୍ରଥମ ଓଭରରୁ ଅଷ୍ଟ୍ରେଲିଆକୁ ଝଟକା ଦେଇଥିଲେ ଆଫଗାନିସ୍ତାନ ବୋଲର। ପ୍ରଥମ ଓଭରରେ ନବୀନ ଉଲ ହକଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ ଟ୍ରାଭିସ ହେଡ୍। ସେ ଖାତା ଖୋଲିପାରି ନଥିଲେ। ତୃତୀୟ ଓଭରରେ ନବୀନ ଉଲ ହକଙ୍କ ଶିକାର ହୋଇଥିଲେ ଅଧିନାୟକ ମିଚେଲ ମାର୍ଶ। ସେ ୧୨ ରନ୍ କରିଥିବା ବେଳେ ମହମ୍ମଦ ନବୀଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ମାତ୍ର ୧୨ ରନ୍ କରିଥିଲେ ଟ୍ରାଭିସ ହେଡ୍‌ଙ୍କ ସହିତ ଓପନିଂ କରିବାକୁ ଆସିଥିବା ଡାଭିଡ ୱାର୍ଣ୍ଣର ମାତ୍ର ୩ ରନ୍ କରିଥିବା ବେଳେ ମହମ୍ମଦ ନବୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ।

ଗ୍ଲେନ୍ ମାକ୍ସୱେଲ ସ୍ଥିତିକୁ ସମ୍ଭାଳିବାକୁ ଚେଷ୍ଟା କରିଥିଲେ ଓ ଅନେକ ମାତ୍ରାରେ ସଫଳ ହୋଇଥିଲେ। କିନ୍ତୁ ଦଳକୁ ବିଜୟ ଦ୍ୱାର ପର୍ଯ୍ୟନ୍ତ ନେଇପାରି ନଥିଲେ। ୧୪.୪ ଓଭରରେ ଗୁଲାବଦୀନ ନାୟବଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ସେ ୪୧ଟି ବଲ୍‌ରୁ ୫୯ ରନ୍ କରିଥିଲେ ତା ମଧ୍ୟରେ ୬ଟି ଚୌକା ଓ ୩ଟି ଛକା ରହିଥିଲା। ସେ ଆଉଟ୍ ହୋଇଯିବା ପରେ ୧୯.୨ ଓଭର ଭିତରେ ବାକି ୪ଟି ୱିକେଟ ପଡ଼ିଯାଇଥିଲା। ଟିମ୍ ଡାଭିଡ ୨ ରନ୍ କରିଥିବା ବେଳେ ମାଥ୍ୟୁ ୱେଡ ୫ ଓ ପ୍ୟାଟ୍ କମିନ୍‌ସ ୩ ରନ୍ କରିଥିଲେ।

ଆଫଗାନିସ୍ତାନ ପକ୍ଷରୁ ଗୁଲାବଦୀନ ନାୟବ ୪ଟି ୱିକେଟ ନେଇଥିବା ବେଳେ ନବୀନ ଉଲ ହକ ୩ଟି ୱିକେଟ ନେଇଛନ୍ତି ମହମ୍ମଦ ନବୀ, ଆଜମତୁଲ୍ଲାହ ଓମାରଜାଇ ଓ ରାଶିଦ ଖାନ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

# ଲଗାତାର ହ୍ୟାଟ୍ରିକ ନେଲେ କମିନ୍ସ

କିଙ୍ଗସଷ୍ଟସନ, ୨୩।୬: ଅଷ୍ଟ୍ରେଲିଆର ଦ୍ରୁତ ବୋଲର ପାଟ କମିନ୍ସ ଟି-୨୦ ବିଶ୍ୱକପରେ ଇତିହାସ ରଚିଛନ୍ତି। ସେ ବିଶ୍ୱର ପ୍ରଥମ ବୋଲର ଭାବେ ଟି-୨୦ ବିଶ୍ୱକପରେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ଦୁଇ ଥର ହ୍ୟାଟ୍ରିକ ୱିକେଟ ଦଖଲ କରିଛନ୍ତି। ଆଜି ଆଫଗାନିସ୍ତାନ ବିପକ୍ଷ ବିଶ୍ୱକପର ସୁପର ୮ ମୁକାବିଲାରେ କମିନ୍ସ ହ୍ୟାଟ୍ରିକ ନେଇଛନ୍ତି। ଦୁଇ ଦିନ ପୂର୍ବରୁ ସୁପର ୮ର ପ୍ରଥମ ମ୍ୟାଚ୍‌ରେ କମିନ୍ସ ବାଂଲାଦେଶ ବିପକ୍ଷରେ ମଧ୍ୟ ହ୍ୟାଟ୍ରିକ ହାସଲ କରିଥିଲେ।





ବିଶ୍ୱକପରେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ହ୍ୟାଟ୍ରିକ ନେବା ଘଟଣା ପୂର୍ବରୁ କେବେ ବି ଘଟି ନଥିଲା। ହେଲେ କମିନ୍ସ ଏହା କରି ଦେଖାଇଛନ୍ତି। ଆଜି ସେ ୧୮ତମ ଓଭରର ଶେଷ ବଲରେ ରାଶିଦ ଖାନଙ୍କୁ ଆଉଟ କରିଥିଲେ। ଏହାପରେ ଶେଷ ଓଭରର ପ୍ରଥମ ବଲରେ ସେ କରିମ ଜନତ ଓ ଦ୍ୱିତୀୟ ବଲରେ ଗୁଲବଦିନ ନୈବଙ୍କୁ ଆଉଟ କରିଥିଲେ।

କମିନ୍ସ ୪ ବଲରେ ୪ ୱିକେଟ ନେବାର ମଧ୍ୟ ସୁଯୋଗ ସୃଷ୍ଟି ହୋଇଥିଲା। କିନ୍ତୁ ଆଫଗାନର ନାଙ୍ଗେୟାଲିଅ। ଖାରୋଟେ ମାରିଥିବା ଶଟରେ କ୍ୟାଚ୍ ଉଠିଥିଲେ ହେଁ ଏହାକୁ ଡାଭିଡ ୱାର୍ଣ୍ଣର ହାତ ଛଡ଼ା କରିଥିଲେ ।ତଥାପି କମିନ୍ସ ୪ ଓଭରରେ ୨୮ ରନ ଦେଇବାରୁ ଆଫଗାନିସ୍ତାନ ୬ ୱିକେଟ ହରାଇ ୧୪୮ ରନ କରିବାକୁ ସକ୍ଷମ ହୋଇଥିଲା। ଏହାପରେ ଅଷ୍ଟ୍ରେଲିଆକୁ ଆଫଗାନିସ୍ତାନ ମାତ୍ର ୧୨୭ ରନରେ ଅଲଆଉଟ କରି ଐତିହାସିକ ବିଜୟ ହାସଲ କରିଥିଲା।

କମିନ୍ସ ଏହାପୂର୍ବରୁ ବାଂଲାଦେଶ ବିପକ୍ଷରେ ମହମୁଦୁଲ୍ଲା, ମାହେଦି ହାସନ ଓ ତୋହିଦ ହ୍ରିଦୋୟଙ୍କୁ ଆଉଟ କରି ହ୍ୟାଟ୍ରିକ ନେଇଥିଲେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ହ୍ୟାଟ୍ରିକ ନେଇ କମିନ୍ସ ।ସିମ ଆକ୍ରମଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆକ୍ରମ ୧୯୯୯ ମସିହା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜର କ୍ରମାଗତ ଦୁଇଟି ମ୍ୟାଚରେ ହ୍ୟାଟ୍ରିକ ନେଇଥିଲେ।

ଅନ୍ୟପକ୍ଷରେ ଟି-୨୦ରେ ୧ରୁ ଅଧିକଥର ହ୍ୟାଟ୍ରିକ ନେଇଥିବା ତାଲିକାରେ ମଧ୍ୟ କମିନ୍ସ ଯୋଡ଼ି ହୋଇଯାଇଛନ୍ତି। ଶ୍ରୀଲଙ୍କାର ଲସିତ ମାଲିଙ୍ଗା, ନ୍ୟୁଜିଲ୍ୟାଣ୍ଡର ଟିମ ସାଉଦି, ମାର୍କ ପାଭଲୋଭିକ, ।ସିମ ଆବ୍ବାସ ଟି-୨୦ରେ ୨ ଥର ଲେଖାଏ ହ୍ୟାଟ୍ରିକ ନେଇଛନ୍ତି।

# ସୂର୍ଯ୍ୟଙ୍କୁ ମିଳିପାରେ ଦାୟିତ୍ୱ

ମୁମ୍ବାଇ, ୨୩।୬(ଏଜେନ୍ସି): ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସଂପ୍ରତି ଟି-୨୦ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରୁଛି। ଦଳ ସେମି ଫାଇନାଲ୍ ପାଇଁ ନିଜର ସ୍ଥାନ ସୁନିଶ୍ଚିତ କରି ନେଇଛି ବିଶ୍ୱକପ୍ ପରେ ଭାରତୀୟ ଦଳ ଜିମ୍ବାୱେ ଗସ୍ତରେ ଯିବ। ଏହି ଗସ୍ତରେ ଦଳ ଜିମ୍ବାୱେ ବିପକ୍ଷରେ ୫ ମ୍ୟାଚଟି-୨୦ ସିରିଜ୍ ଖେଳିବ। ଏହି ସିରିଜ୍ ପାଇଁ ଆଜି କିମ୍ବା ଆସନ୍ତାକାଲି ଭାରତୀୟ ଦଳ ଘୋଷଣା ହୋଇପାରେ। ଏହି ଗସ୍ତରେ ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ୍ ମିଳିପାରେ।

ଏଥିରେ ସୂର୍ଯ୍ୟଙ୍କ ଦାବିଦାର ଅଧିକ ମଜବୁତ ରହିଛି। କାରଣ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଯାଇପାରେ ଏହା ସହିତ ନୂଆ। ଚେହେରାଙ୍କୁ ଅଧିକ ସୁଯୋଗ ମିଳିପାରେ। ଅର୍ଥାତ ଜିମ୍ବାୱେ ଗସ୍ତରେ ପୁରା ନୂଆ। ଯୁବ ଭାରତୀୟ ଦଳକୁ ପଠା ଯାଇପାରେ। ବିଶେଷ କରି ଆଇପିଏଲ୍ ୨୦୨୪ ସିଜିନରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ଗସ୍ତରେ ଚୟନ କରାଯାଇପାରେ। ରିୟାନ ପରାଗ ଆଇପିଏଲ୍ ୨୦୨୪ରେ ୫୦୦ରୁ ଅଧିକ ରନ କରିଥିବା ବେଳେ ନୀତିଶ ରେଡ୍ଡୀଙ୍କୁ ପରବର୍ତ୍ତୀ ଦ୍ରୁତ ବୋଲର ଅଲରାଉଣ୍ଡର ଭାବେ ଗଣନା କରାଯାଉଛି। ସେ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ନିଜର ପ୍ରଦର୍ଶନ ବଳରେ ସଭିଙ୍କୁ ପ୍ରଭାବିତ କରିଛନ୍ତି ପଞ୍ଜାବର ଅଭିଷେକ ଶର୍ମା ଆଇପିଏଲ୍‌ରେ ବିସ୍ଫୋରକ ବ୍ୟାଟିଂ କରି ଧ୍ୟାନ ଆକର୍ଷଣ କରିଥିଲେ।

ପୁରୁଣା ଚେହେରା ଭାବେ ଶୁଭମନ ଗିଲ୍, ମୁକେଶ କୁମାର, ଶ୍ରେୟସ ଆୟର, ରିଙ୍କୁ ସିଂ, ଖଲିଲ ଅହମ୍ମଦ, ତିଳକ ବର୍ମା, ଯଶସ୍ୱୀ ଜୟସ୍ୱାଲଙ୍କ ପରି ତାରକା ସାମିଲ ସଞ୍ଜୁ ସାମସନ ଓ ଅଭେଶ ଖାନଙ୍କୁ ମଧ୍ୟ ଚୟନ କରାଯାଇପାରେ।

# ଆଜି ଅଷ୍ଟ୍ରେଲିଆକୁ ଭେଟିବ ଭାରତ

ନୂଆଦିଲ୍ଲୀ: ଯଦି ଆପଣ ଭାରତୀୟ କ୍ରିକେଟ୍ ଦଳର ପ୍ରଶଂସକ ତେବେ ଆପଣଙ୍କୁ ୨୦୨୩ ନଭେମ୍ବର ୧୯ ତାରିଖର ସେହି ରାତି ମନେ ଥିବ। ଏହି ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମରେ କଙ୍ଗାରୁ ଦଳ ଭାରତକୁ ହରାଇ ବିଶ୍ୱକପ୍ ଜିତିବାର ସ୍ୱପ୍ନ ଚୂରମାର କରିଥିଲା। କେବଳ ଭାରତୀୟ ଖେଳାଳି ନୁହନ୍ତି ପ୍ରତ୍ୟେକ ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ଆଖି ଲୁହରେ ଛଳ ଛଳ ହୋଇ ଯାଇଥିଲା। ଆଉ ଏବେ ଅଷ୍ଟ୍ରେଲିଆଠୁ ପ୍ରତିଶୋଧ ନେବାର ସମୟ ଆସି ଯାଇଛି। ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ଟି-୨୦ ବିଶ୍ୱକପ୍ ୨୦୨୪ରୁ ବାହାର କରି ପାରେ।



ୱେଷ୍ଟଇଣ୍ଡିଜରେ ସଂପ୍ରତି ଟି-୨୦ ବିଶ୍ୱକପ୍ ୨୦୨୪ର ସୁପର-୮ ମ୍ୟାଚ୍ ଖେଳା ଯାଉଛି। ରବିବାର ଜୁନ ୨୩ରେ ଅଷ୍ଟ୍ରେଲିଆକୁ ପରାଜିତ କରି ଆଫଗାନିସ୍ତାନ ବଡ଼ ବିଜୟ ହାସଲ କରିଛି। ପରାଜୟ ପରେ ଅଷ୍ଟ୍ରେଲିଆର ସେମିରେ ପ୍ରବେଶ କରିବା ମୁସ୍କିଲ ହୋଇ ପଡ଼ିଛି। ଯଦି ଭାରତୀୟ ଦଳ ଜୁନ ୨୪ ତାରିଖରେ ସୁପର-୮ରେ ନିଜର ଶେଷ ମ୍ୟାଚରେ ଅଷ୍ଟ୍ରେଲିଆକୁ ହରାଇଦିଏ ତେବେ କଙ୍ଗାରୁ ଦଳ ବିଶ୍ୱକପ୍‌ରୁ ବିଦାୟ ନେବାର ଦ୍ୱାର ଦେଶରେ ପହଞ୍ଚିଯିବ ଏବଂ ଭାରତ ୨୦୨୩ ବିଶ୍ୱକପ୍ ଫାଇନାଲର ପ୍ରତିଶୋଧ ନେଇ ପାରିବ। ଯଦି ଭାରତ ଅଷ୍ଟ୍ରେଲିଆକୁ ହରାଇ ଦିଏ ଏବଂ ସେହି ଦିନ ଆଫଗାନିସ୍ତାନ ବାଂଲାଦେଶକୁ ସୁପର-୮ର ଶେଷ ମ୍ୟାଚ୍‌ରେ ପରାସ୍ତ କରେ ତେବେ ଅଷ୍ଟ୍ରେଲିଆ। ସେମି ଫାଇନାଲ୍‌ରୁ ବାଦ୍ ପଡ଼ିବ। ଯଦି ଅଷ୍ଟ୍ରେଲିଆ। ବିଜୟୀ ହୁଏ ତେବେ ଆଫଗାନିସ୍ତାନକୁ ନେଟ୍ ରନ ରେଟରେ ଅଷ୍ଟ୍ରେଲିଆକୁ ପଛରେ ପକାଇବା ପାଇଁ ବଡ଼ବ୍ୟବଧାନରେ ଜିତିବାକୁ ପଡ଼ିବ।

ଯେବେ ଭାରତୀୟ ଦଳ ଦିନିକିଆ। ଏବଂ ଟି-୨୦ ବିଶ୍ୱକପ୍ ଜିତିଛି, ସେହି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ। ସେମି ଫାଇନାଲ୍ କିମ୍ବା ତା ପୂର୍ବରୁ ବିଦାୟ ନେଇଛି। ଏପରିକି ଏମିତି ସ୍ଥିତିରେ ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ବାହାରର ରାସ୍ତା ଦେଖାଇଛି। ୧୯୮୩ ବିଶ୍ୱକପରେ ଭାରତ ଗ୍ରୁପ ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ହରାଇଥିଲା।୨୦୦୭ ଟି-୨୦ ବିଶ୍ୱକପରେ ଭାରତ ସେମି ଫାଇନାଲରେ ଅଷ୍ଟ୍ରେଲିଆକୁ ମାତ ଦେଇଥିଲା। ୨୦୧୧ ବିଶ୍ୱକପ୍‌ରେ କ୍ୱାର୍ଟର ଫାଇନାଲ୍‌ରେ କଙ୍ଗାରୁ ଦଳକୁ ହରାଇ ଭାରତ ସେମିରେ ପ୍ରବେଶ କରିଥିଲା।

ଏମିତିରେ ଭାରତୀୟ ଦଳ ଯଦି ଅଷ୍ଟ୍ରେଲିଆକୁ ନିଜ ରାସ୍ତାରୁ ହଟାଇ ଦିଏ ତେବେ ଭାରତୀୟ ଦଳ ପାଇଁ ଟି-୨୦ ବିଶ୍ୱକପ୍ ଜିତିବା ସହଜ ହୋଇପାରେ। କାରଣ ଯଦି ଭାରତ ଓ ଅଷ୍ଟ୍ରେଲିଆ। ସେମିରେ ପ୍ରବେଶ କରନ୍ତି ତେବେ ଫାଇନାଲରେ ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇପାରେ। ତେଣୁ ସେହି ସମୟରେ କିଛି ଅପ୍ରିତୀକର ନ ଘଟୁ, ସେଥିପାଇଁ ଏବେଠୁ ଅଷ୍ଟ୍ରେଲିଆକୁ ନିଜ ରାସ୍ତାରୁ ହଟାଇବା ପାଇଁଭାରତକୁ ପୂରା ଦମ ଦେଖାଇବାକୁ ପଡ଼ିବ।

# ବଜରଙ୍ଗ ପୁନିଆଙ୍କ ବଢ଼ିଲା ଅଡୁଆ

ନୂଆଦିଲ୍ଲୀ, ୨୩।୬: ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜେତା ତଥା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କ ବଢ଼ିଲା ଅଡୁଆ। ସେ ପୁଣି ଥରେ ବିବାଦରେ ଛନ୍ଦି ହୋଇଛନ୍ତି। ଡୋପିଂ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ନ୍ୟାସନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ତାଙ୍କୁ ପୁଣି ବ୍ୟାନ୍ କରିଛି। ଏପ୍ରିଲରେ ତାଙ୍କୁ ନାଡା ଦ୍ୱାରା



ମଧ୍ୟ ନିଷିଦ୍ଧ କରାଯାଇଥିଲା, କିନ୍ତୁ ତିନି ସପ୍ତାହ ପୂର୍ବରୁ ନାଡା 'ନୋଟିସ୍ ଜାରି ନକରି ନିଲମ୍ବନ କରିଥିବାରୁ ତାଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିନେଇଥିଲା।

ମାର୍ଚ୍ଚରେ ସୋନିପାଟରେ ହୋଇଥିବା ପରୀକ୍ଷଣ ସମୟରେ ଟୋକିଓ ଗେମ୍ସର ବ୍ରୋଞ୍ଜ ବିଜେତା ରେସଲର ତାଙ୍କର ପରିସ୍ରା ନମୁନା ଦେବାକୁ ନାଡାକୁ ମନା କରିଦେଇଥିଲେ। ଏହା ପରେ ଡୋପିଂ ନିୟମ ଉଲ୍ଲଂଘନ କରି ତାଙ୍କୁ ନିଲମ୍ବିତ କରାଯାଇଥିଲା ଏହା ପରେ ମଧ୍ୟ ତାଙ୍କୁ ନିଲମ୍ବିତ କରିଥିଲେ। ଏହି ନିଲମ୍ବନ ବିରୋଧରେ ବଜରଙ୍ଗ ଆବେଦନ କରିଥିଲେ ଏବଂ ଏହାକୁ ମେ ୩୧ରେ ନାଡାର ଡୋପିଂ ପ୍ୟାନେଲ ପତ୍ୟାହାର କରିନେଇଥିଲା। ସେ କହିଥିଲେ ଯେ ଯେପର୍ଯ୍ୟନ୍ତ ନାଡା ନୋଟିସ ଜାରି ନକରେ ସେ ପର୍ଯ୍ୟନ୍ତ ନିଲମ୍ବନ ବାତିଲ ରହିବ। ଏହା ପରେ ନାଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରବିବାର ରେସଲରଙ୍କୁ ନୋଟିସ ପଠାଇଛି।

# ଅଲିମ୍ପିକ୍ସରେ ଚମକ ଦେଖାଇବେ ଭାଜପା ବିଧାୟିକା

ପାଟନା, ୨୩।୬: ବିହାରର ଭାଜପା ବିଧାୟିକା ତଥା ଶୁଟର୍ ଶ୍ରେୟାସୀ ସିଂ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ପାଇଁ ସେ ଶଟ୍‌ଗନ ଟ୍ରାପ ମହିଳା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।ଅଲିମ୍ପିକ୍ସ ପାଇଁ ମନୋନୀତ ହୋଇଥିବା ବିହାରର ଶ୍ରେୟାସୀ ସିଂ ପ୍ରଥମ ଆଥଲେଟ ହୋଇଛନ୍ତି।

ପ୍ୟାରିସରେ ଆୟୋଜିତ ଅଲିମ୍ପିକ ଗେମ୍ସରେ ଶଟଗନ ଟ୍ରାପ ମହିଳା ପ୍ରତିଯୋଗିତାରେ ଜାମୁଇ ବିଧାନସଭା ବିଧାୟକ ଶ୍ରେୟାସୀ ସିଂଙ୍କୁ ମନୋନୀତ କରାଯାଇଛି। ସେ ଅଲିମ୍ପିକ ଗେମ୍ସରେ ପଦକ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଶୁଟିଂରେ ଅନେକ ଟାଇଟଲ ଜିତି ସାରିଛନ୍ତି।

ଆସନ୍ତୁ ଆପଣଙ୍କୁ କହିବାକୁ ଗଲେ ପ୍ୟାରିସ ଅଲିମ୍ପିକ୍ସରେ ଶ୍ରେୟାସୀ





ସିଂଙ୍କ ଚୟନକୁ ନେଇ ସମଗ୍ର ଜିଲାରେ ଆନନ୍ଦର ବାତାବରଣ ରହିଛି। ଗ୍ଲାସ୍‌ଗୋରେ ୨୦୨୪ କମନଲେଥ ଗେମ୍ସରେ ଡବଲ ଟ୍ରାପ ଶୁଟିଂ ଇଭେଣ୍ଟରେ ଶ୍ରେୟାସୀ ସିଂ ରୌପ୍ୟ ପଦକ ଜିତିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୮ରେ ଶ୍ରେୟାସୀ ସିଂ ଅଷ୍ଟ୍ରେଲିଆ। କମନଲେଥ ଗେମ୍ସରେ ମହିଳା ଡବଲ ଟ୍ରାପ ଶୁଟିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ସେହି ବର୍ଷ ଶ୍ରେୟସୀ ସିଂଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଶ୍ରେୟସୀ ସିଂ ୨୦୨୦ରେ ଭାଜପାରେ ଯୋଗ ଦେଇଥିଲେ। ଦଳ ତାଙ୍କୁ ଜାମୁଇ ଆସନରୁ ଫିଲ୍ଡ କରିଥିଲା ଏବଂ ସେ ଜିତିଥିଲେ।

ଶ୍ରେୟସୀ ସିଂ ୨୯ ଅଗଷ୍ଟ ୧୯୯୧ରେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ତାଙ୍କ ପିତା ସ୍ୱର୍ଗତ ଦିଗ୍‌ବିଜୟ ସିଂ କେନ୍ଦ୍ର ସରକାରରେ ଏମ୍‌ପି ତଥା ମନ୍ତ୍ରୀ ଥିଲେ ତାଙ୍କ ମା ପୁତୁଲ ସିଂ ମଧ୍ୟ ଏମ୍‌ପି ଥିଲେ। ଶ୍ରେୟାସୀ ସିଂ ଦିଲ୍ଲୀର ହାନସରାଜ କଲେଜରୁ ଏବଂ ଫରିଦାବାଦର ମାନଭ ରଚନା ବିଶ୍ୱବିଦ୍ୟାଳୟରୁ ଏମବିଏ ସ୍ନାତକ ହାସଲ କରିଛନ୍ତି।

# ବାଂଲାଦେଶ ବିପକ୍ଷରେ ରେକର୍ଡ କଲା ଭାରତ

ନୂଆଦିଲ୍ଲୀ ୨୩।୦୬: ଟିମ୍ ଇଣ୍ଡିଆ ବାଂଲାଦେଶ ବିପକ୍ଷ ପଡିଆକୁ ଓହ୍ଲାଇଥିଲା। ପୁରା ଟିମ୍ ଚମତ୍କାର ପ୍ରଦର୍ଶନ ସହ ହାତେଇଛି ମ୍ୟାଚ୍। ବାଂଲାଦେଶ ବିପକ୍ଷ ମ୍ୟାଚରେ ଟିମରେ ଅନେକ ପ୍ଲେୟର ଫେରିଛନ୍ତି ଫର୍ମକୁ। ଖାସ୍ କରି କୋହଲି ଫର୍ମକୁ ଫେରିବା ଟିମ୍ ଇଣ୍ଡିଆର ଚିନ୍ତା ଅଳ୍ପ କମିଛି। ତେବେ ଟି-୨୦ ବିଶ୍ୱକପ ୨୦୨୪ର ସୁପର-୮ରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ।

ଟିମ୍ ଇଣ୍ଡିଆ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କୁଲଦୀପ ଯାଦବ ଦମ୍‌ଦାର୍ ପ୍ରଦର୍ଶନ କରିଥିଲେ। ଏହି ବିଜୟ ସହିତ ଟିମ୍ ଇଣ୍ଡିଆ। ନିଜ ନାଁରେ କରିଛି। ଏକ ବଡ ରେକର୍ଡ ଟି-୨୦ ବିଶ୍ୱକପରେ ବାଂଲାଦେଶକୁ ଅଧିକ ଥର ପରାସ୍ତ କରିବାରେ ଟିମ୍ ଇଣ୍ଡିଆ କରିଛି ଏହି ରେକର୍ଡ। ବାଂଲାଦେଶକୁ ହରାଇବାରେ ତୃତୀୟ ସ୍ଥାନରେ ରହିଛି ଟିମ୍ ଇଣ୍ଡିଆ।





ଟି-୨୦ ବିଶ୍ୱକପରେ କ୍ରମାଗତ ଭାବେ କୌଣସି ଦଳକୁ ପରାସ୍ତ କରିବାରେ ଅଷ୍ଟ୍ରେଲିଆ ଶୀର୍ଷରେ ରହିଛି। ଅଷ୍ଟ୍ରେଲିଆ ବାଂଲାଦେଶକୁ ୬ଥର ପରାସ୍ତ କରିଛି। ଏହାବ୍ୟତୀତ ବାଂଲାଦେଶକୁ ଅଧିକଥର ଯେଉଁଠାରେ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଛି। ପାକିସ୍ତାନ ମଧ୍ୟ ଲଗାତାର ୬ଥର ବାଂଲାଦେଶକୁ ପରାସ୍ତ କରିଛି। ଏହି ତାଲିକାରେ ବର୍ତ୍ତମାନ ଭାରତର ନାଁ ଯୋଡି ହୋଇଛି ଟି-୨୦ ବିଶ୍ୱକପରେ ଟିମ୍ ଇଣ୍ଡିଆ। ଲଗାତାର ବାଂଲାଦେଶକୁ ୫ଥର ପରାସ୍ତ କରିଛି। ବାଂଲାଦେଶ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୯୬ ରନ୍ ସଂଗ୍ରହ କରିଥିଲା। ଏହି ସମୟ ମଧ୍ୟରେ ରୋହିତ ଶର୍ମା ୧୧ ବଲରେ ୨୩ ରନ କରିଥିଲେ ସେହିପରି ବିରାଟଙ୍କ ବ୍ୟାଟ୍ ମଧ୍ୟ ଚାଲିଥିଲା ସେ ଏହି ମ୍ୟାଚ୍‌ରେ କୋହଲି ୩୭ ରନ୍ କରିଥିଲେ କୋହଲିଙ୍କ ସହିତ ଋଷଭ ପନ୍ତ ଭଲ ପାଳି ସମ୍ଭାଳିଥିଲେ। ପନ୍ତ ୩୬ ରନ ସ୍କୋର କରି ପାଭିଲିୟନ ଫେରିଥିଲେ। ଏମାନଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ୫୦ ରନ୍ ସଂଗ୍ରହ କରିଥିଲେ। ତେବେ ବାଂଲାଦେଶ ଭାରତ ଦେଇଥିବା ଟାର୍ଗେଟକୁ ପିଛା କରି କରିଥିଲା ମାତ୍ର ୧୪୬ରନ୍ ଏହି ସମୟରେ କୁଲଦୀପ ଯାଦବ ଭାରତ ପାଇଁ ନେଇଥିଲେ ୩ିକେଟ୍ ତାଙ୍କ ବ୍ୟତୀତ ଅର୍ଶଦୀପ ସିଂ ଏବଂ ଜସପ୍ରୀତ ବୁମ୍ରା ଦୁଇଟି ଲେଖାଏଁ ନେଇଥିଲେ ୱିକେଟ୍।

ଏହି ବିଜୟ ସହିତ ଟିମ୍ ଇଣ୍ଡିଆର ସେମିଫାଇନାଲ ଏଣ୍ଟ୍ରିକୁ ସହଜ କରିଛି। ଭାରତ ଏପର୍ଯ୍ୟନ୍ତ ସୁପର-୮ରେ ଦୁଇଟି ମ୍ୟାଚ୍ ଖେଳି ଉଭୟ ଜିତିଛି। ଗତ ମ୍ୟାଚରେ ଏହା ଆଫଗାନିସ୍ତାନକୁ ୪୭ ରନରେ ପରାସ୍ତ କରିଥିଲା।ବର୍ତ୍ତମାନ ବାଂଲାଦେଶ ବିପକ୍ଷରେ ଜିତିଛି ମ୍ୟାଚ୍। ତେବେ ଟିମ୍ ଇଣ୍ଡିଆର ପରବର୍ତ୍ତୀ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ରହିଛି। ଏହି ମ୍ୟାଚ୍ ୨୪ ଜୁନରେ ସେଣ୍ଟ ଲୁସିଆରେ ଖେଳାଯିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ